
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୩୧ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 31 JANUARY 2026

Vol.No. 36 ■ No.29 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ଶାନ୍ତି ଆଲୋଚନା ପାଇଁ ଜେଲେନସ୍କିଙ୍କୁ ମସ୍କୋ ନିମନ୍ତ୍ରଣ କଲା ରୁଷ୍

ନୂଆଦିଲ୍ଲୀ,୩୦/୧ : ରୁଷ୍-ୟୁକ୍ରେନ୍ ମଧ୍ୟରେ ଚାରି ବର୍ଷ ହେଲା ଯୁଦ୍ଧ ଚାଲିଥିବାବେଳେ ଶାନ୍ତି ଆଲୋଚନା ପାଇଁ କ୍ରେମଲିନ୍ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କିଙ୍କୁ ମସ୍କୋ ଆସିବାକୁ ନିମନ୍ତ୍ରଣ କରିଛି। ରୁଷ୍- ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ କରିବାକୁ ଆମେରିକା ନେତୃତ୍ୱରେ ଶାନ୍ତି ଆଲୋଚନା ଚାଲିଥିବା ବେଳେ ରୁଷ୍ ଏହି ପ୍ରସ୍ତାବ ଦେଇଛି। ଦୁଇ ଦେଶ ଯୁଦ୍ଧ ମୃତକଙ୍କ ସଦ୍ୟତମ ଆଦାନପ୍ରଦାନ କରିବା ପରେ ଏବଂ ମସ୍କୋ ଏବଂ କିବ୍ ପରସ୍ପରର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବାକୁ ରାଜି ହୋଇଥିବା ଗୁଜବ ଉପରେ ମନ୍ତବ୍ୟ ଦେବାକୁ ମନା କରିଦେବାର କିଛି ଘଣ୍ଟା ପରେ କ୍ରେମଲିନ୍ ଏହାର ବିବୃତ୍ତି ରଖିଛି। ଗତ ସପ୍ତାହନ୍ତରେ ଆବୁଧାବିରେ ୱାସିଂଟନ ମଧ୍ୟସ୍ଥତାରେ ଶାନ୍ତି ଆଲୋଚନାରେ ଅଗ୍ରଗତି ହୋଇଥିଲେ ମଧ୍ୟ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଗଭୀର ମତଭେଦ ଜାରି ରହିଛି। ଅନ୍ୟପକ୍ଷରେ ଦୁଇ ଦେଶ ମଧ୍ୟରେ ଭୟଙ୍କର ଯୁଦ୍ଧ ଏବେବି ଜାରି ରହିଛି। ରୁଷ୍‌ର ଘନ ଘନ ଆକ୍ରମଣ



ଯୋଗୁ କିବ୍ ସମ୍ପ୍ରତି ବିଦ୍ୟୁତ୍ ବିଭ୍ରାଟ ସମସ୍ୟା ସହିତ ଲଢୁଛି। ଆମେରିକୀୟ ଅଧିକାରୀ ଶନିବାର ଦିନ ଆକ୍ସିଓସକୁ କହିଥିଲେ ଯେ, ଜେଲେନସ୍କି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକା ମଧ୍ୟସ୍ଥତାରେ ଆଲୋଚନା ପରେ ଦୁଇଜଣଙ୍କ ମଧ୍ୟରେ ବୈଠକ କରିବାକୁ ରାଜି ଥିବା କହିଛନ୍ତି। ଅନ୍ୟପକ୍ଷରେ ରବିବାର ଆବୁ ଧାବିଠାରେ ରୁଷ୍ ଓ ୟୁକ୍ରେନ୍ ପ୍ରତିନିଧିଙ୍କ ମଧ୍ୟରେ ପୁଣି ଥରେ ଆଲୋଚନା ହେବାକୁ ଯାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପର ସବୁଠୁ ବଡ଼ ଯୁଦ୍ଧ ଶେଷ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ଚୁକ୍ତି କରିବାକୁ ଦୁଇ ଦେଶ ଉପରେ ଚାପ ପକାଉଛନ୍ତି। ମଙ୍ଗଳବାର ଟ୍ରମ୍ପ କହିଥିଲେ, ଆଗକୁ ବହୁତ ଭଲ ଜିନିଷ ହେବାକୁ ଯାଉଛି। ତେବେ କିଏ କେଉଁ ଅଞ୍ଚଳ ନିଜ ଅକ୍ତିଆରରେ ରଖିବ, ଯୁଦ୍ଧ ପରବର୍ତ୍ତୀ ୟୁକ୍ରେନରେ ଅନ୍ତର୍ଜାତୀୟ ଶାନ୍ତି ସେନା କିମ୍ବା ପର୍ଯ୍ୟବେକ୍ଷକଙ୍କ ସମ୍ଭାବ୍ୟ ଉପସ୍ଥିତି ଏବଂ ରୁଷ-ନିୟନ୍ତ୍ରିତ ଜାପୋରିଝିଆ ପରମାଣୁ ଶକ୍ତି କେନ୍ଦ୍ରର ଭାଗ୍ୟ କ'ଣ ରହିବ ସେ ନେଇ ଦୁଇ ଦେଶ ମଧ୍ୟରେ ସହମତି ହୋଇପାରି ନାହିଁ। କ୍ରେମଲିନ୍ ମୁଖପାତ୍ର ଦିମିତ୍ରି ପେସକୋଭ୍ ଗୁରୁବାର ଇଣ୍ଟରଫ୍ୟାକ୍ସ ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି ଯେ, ଜେଲେନସ୍କିଙ୍କୁ ମସ୍କୋ ଆସିବା ପାଇଁ ନିମନ୍ତ୍ରଣର ଉତ୍ତର ଏପର୍ଯ୍ୟନ୍ତ ମିଳିନାହିଁ। ଗତବର୍ଷ ଜେଲେନସ୍କି ଏକ ସମାନ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ, ସେ ଏପରି ଏକ ଦେଶର ରାଜଧାନୀକୁ ଯାଇପାରିବେ ନାହିଁ ଯିଏ ପ୍ରତିଦିନ ତାଙ୍କ ଦେଶ ଉପରେ କ୍ଷେପଣାସ୍ତ୍ର ମାଡ଼ କରୁଛି। ଅନ୍ୟପକ୍ଷରେ ପୁଟିନଙ୍କୁ କିବ୍ ଆସିବାକୁ ଜେଲେନସ୍କି ପରାମର୍ଶ ଦେଇଥିଲେ। କ୍ରେମଲିନ୍ ବୈଦେଶିକ ନୀତି ସହାୟକ ୟୁରି ଉସାକୋଭ୍ ବୁଧବାର କହିଛନ୍ତି ଯେ, ପୁଟିନ ଏବଂ ଜେଲେନସ୍କିଙ୍କ ମଧ୍ୟରେ ଯେକୌଣସି ବୈଠକ ଭଲ ଭାବରେ ପ୍ରସ୍ତୁତ ଏବଂ ଫଳାଫଳ ଭିତ୍ତିକ ହେବା ଆବଶ୍ୟକ। ସେ କହିଛନ୍ତି ଯେ, ଜେଲେନସ୍କି ମସ୍କୋ ଆସିଲେ ତାଙ୍କ ସୁରକ୍ଷା ସୁନିଶ୍ଚିତ ହେବ। ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ବୁଧବାର କହିଥିଲେ, କିଏ କେଉଁ ଅଞ୍ଚଳ ପାଇବ ସେ ନେଇ ଦୁଇ ପକ୍ଷ ମଧ୍ୟରେ ରହିଥିବା ମତଭେଦ ସମାଧାନ କରିବା ଅତ୍ୟନ୍ତ କଷ୍ଟକର ଥିଲା। ୟୁକ୍ରେନୀୟ ସୈନ୍ୟ ପ୍ରାୟ ୨୦% ଡୋନେଟ୍ସକ ଅଞ୍ଚଳରୁ ପ୍ରତ୍ୟାହାର କରୁ ବୋଲି ରୁଷ୍ ଚାହୁଁଛି। ଅନ୍ୟପକ୍ଷରେ କିବ୍ ମସ୍କୋକୁ ଏହାର ଅଞ୍ଚଳ ଉପହାର ଭାବେ ଦେବାକୁ ଚାହୁଁନାହିଁ। ଏହା ଭବିଷ୍ୟତରେ ରୁଷ ସୈନ୍ୟବାହିନୀ ପାଇଁ ୟୁକ୍ରେନରେ ଅଧିକ ଭିତରକୁ ପ୍ରବେଶ କରିବା ପାଇଁ ଏକ ପ୍ଲାଟଫର୍ମ ଯୋଗାଇ ବୋଲି ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଉସାକୋଭ୍ ଗୁରୁବାର କହିଥିଲେ ଯେ, କେବଳ କିଏ କେଉଁ ଅଞ୍ଚଳ ଦଖଲ କରିବ ଆଲୋଚନା ପାଇଁ ତାହା କେବଳ ଗୋଟିଏ ମାତ୍ର ପ୍ରମୁଖ ପ୍ରସଙ୍ଗ ହୋଇ ରହିନାହିଁ। ରୁଷ୍ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭରୋଭ କହିଛନ୍ତି, ଚୁକ୍ତି ମାଧ୍ୟମରେ ଆମେରିକା ୟୁକ୍ରେନ୍‌କୁ କୌଣସି ପ୍ରକାରର ସୁରକ୍ଷା ଗ୍ୟାରେଣ୍ଟି ଦେଇପାରିବ ନାହିଁ। ୟୁକ୍ରେନ୍‌ରେ ବର୍ତ୍ତମାନ କ୍ଷମତାରେ ଥିବା ନେତୃବୃନ୍ଦଙ୍କୁ ସୁରକ୍ଷିତ ରଖିବାକୁ ଧ୍ୟାନରେ ରଖି ଯେକୌଣସି ଚୁକ୍ତି କଲେ ତାହା ଦୀର୍ଘ ସ୍ଥାୟୀ ହୋଇପାରିବନାହିଁ ବୋଲି ଲାଭରୋଭ କହିଛନ୍ତି। ସେହିପରି ଦକ୍ଷିଣ ରୁଷ୍‌ର ଚେଚନ୍ୟାର ନେତା ରମଜାନ୍ କାଦିରୋଭ୍ ଶାନ୍ତି ନୁହେଁ, ବରଂ ଅଧିକ ଯୁଦ୍ଧ ହେଉ ବୋଲି କହିଛନ୍ତି।

## ବ୍ୟାନ ହେବ ନାହିଁ ପାନ ମସଲା: ଟବାକୋ-ନିକୋଟିନ ନଥିବା ସ୍ୱାସ୍ଥ୍ୟ ବିଭାଗର ସ୍ପଷ୍ଟିକରଣ




ଭୁବନେଶ୍ୱର, ୩୦/୧ (ନି.ପ୍ର): ବ୍ୟାନ ହେବନି ପାନ ମସଲା । ସ୍ପଷ୍ଟୀକରଣ ରଖିଲା ସ୍ୱାସ୍ଥ୍ୟ ବିଭାଗ । ଏଥିରେ ଟବାକୋ, ନିକୋଟିନ ନଥିବାରୁ ବ୍ୟାନ ହେବନି । ସ୍ୱାସ୍ଥ୍ୟ ବିଭାଗ ସଚିବ ଏମ ଅସ୍ୱସ୍ଥି ଏନେଇ ଅର୍ଥ ବିଭାଗକୁ ଚିଠି ଲେଖି ଅବଗତ କରିଛନ୍ତି । ତମାକୁ ବ୍ୟାନ ନେଇ ୨୦୧୩ ପୁରୁଣା ଆଇନରେ ସଂଶୋଧନ କରି ଗତ ଜାନୁଆରୀ ୨୧ରେ ନୂଆ ଆଇନ ଲାଗୁ କରିଛନ୍ତି ସରକାର । ନୂଆ ଆଇନରେ ପାନମସାଲା, ଜର୍ଦ୍ଦା, ପ୍ରସ୍ତୁତି, ବିକ୍ରୀ ଓ ଗଚ୍ଛିତ ରଖିବା ଉପରେ ରୋକ ଲଗାଯାଇଛି । ଜାତୀୟ ହାର ଠାରୁ ଦୁଇ ଗୁଣ ଅଧିକ ଓଡିଶାରେ ତମ୍ବାଖୁ ସେବନ କରୁଛନ୍ତି । ତମାଖୁ, ଜର୍ଦ୍ଦା, ଖଇନି, ପାନ ମସାଲାର ସେବନ ଦ୍ୱାରା ଓରାଲ ହେଲ୍ଥ ଉପରେ ବ୍ୟାପକ ପ୍ରଭାବ ପଡି ଥାଏ । ମୁଖ କ୍ୟାନ୍ସର ସହ ଓଏସେଫାଗସ, ଷ୍ଟୋମାକ୍, ପାନକ୍ରିୟାଜ, ଥ୍ରୋଟ ଏବଂ ରେନାଲ କ୍ୟାନ୍ସର ହବାର ସମ୍ଭାବନା ଥାଏ। ସେଥିପାଇଁ ତମାଖୁ ବ୍ୟାନ ଆଇନକୁ କଡାକଡି ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବିଭିନ୍ନ ସ୍ଥାନରେ ପୁଲିସ, ପ୍ରଶାସନ ପକ୍ଷରୁ ରେଡ କରି ଗୁଟଖା, ତମାଖୁ ଜବତ କରାଯାଉଛି।

## ଠିକଣାରେ ଚଢ଼ାଉ ପରେ ତାଲିକା କରି ବାଲି ମାଫିଆଙ୍କୁ ଡାକିଲା ଇଡି: କେତେ ଲୁଟିଛ ହିସାବ ମାଗିଲେ ଅଧିକାରୀ

ଭୁବନେଶ୍ୱର, ୩୦/୧ (ନି.ପ୍ର): ଋଷିକୂଲ୍ୟା, ବାହୁଦା ଓ ବଡ଼ ନଦୀକୁ ଲୁଟି ଚାଲିଥିଲେ ବାଲି ମାଫିଆ। ବିନା ୱାଇ ଫର୍ମରେ ଶହ ଶହ କୋଟିର ବାଲି ଲୁଟି ଧ୍ୱଂସ କରି ଦେଇଥିଲେ। ଅତର୍କିତ ରେଡ୍ ବେଳେ, ସାମନାକୁ ଆସିଥିଲା ସାଙ୍ଘାତିକ ଚିତ୍ର । ମାଫିଆଙ୍କ ଘରୁ ମିଳିଥିଲା କୋଟି କୋଟି ଟଙ୍କା ଓ ଅଚଳାଚଳ ସମ୍ପତି। ଆଉ ସେହି ଘଟଣାର ଖୋଳତାଡ ପାଇଁ , ଜଣ ଜଣ କରି ଅଫିସକୁ ଘୋଷାଡି, ଘଣ୍ଟା ଘଣ୍ଟା ଘାଣ୍ଟୁଛି ପ୍ରବର୍ତନ ନିର୍ଦ୍ଦେଶାଳୟ। କିଏ, କେବେଠୁ କେତେ ଲେଖାଏଁ ଗିଳିଛ ତାର ହିସାବ ମାଗୁଛି ଇଡି। ବିଶ୍ୱଜିତ ପାତ୍ର। ପୂର୍ବତନ ଛାତ୍ର କଂଗ୍ରେସ ନେତା । ସମନ ପାଇ ଇଡି କାର୍ଯ୍ୟାଳୟରେ ହାଜର ହେବା ପରେ, ତନାଘନା ଆରମ୍ଭ ହୋଇଛି। ବିଶ୍ୱଜିତଙ୍କୁ ଘଣ୍ଟା ଘଣ୍ଟା ଜେରା ପରେ, ସଚିନ ପାଢ଼ୀ ଇଡିରେ ହାଜର ହୋଇଥିଲେ। ହୃଷିକେଶ ପାଢୀଙ୍କ ପୁଅ ସଚିନଙ୍କୁ ବି ବାଲି ମାଫିଆ ଲିଙ୍କରେ ପଚରା ଉଚରା କରିଛି ଇଡି ଟିମ୍। ସେପଟେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ




ଉମାନଗରରେ ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ ଅଫିସ, ଜୟପ୍ରକାଶ ନଗରଠାରେ ଥିବା ହୃଷୀକେଶଙ୍କ ପୁଅ ସଚିନ ପାଢ଼ୀଙ୍କ ଘର, ବିଜିପୁର କାଳୁଆସାହିରେ ରହୁଥିବା ହକି ଓରଫ ବିଶ୍ୱଜିତ ପାତ୍ରଙ୍କ ଘର, ଗାନ୍ଧୀନଗର ସ୍ଥିତ ଅମ୍ବିକାନଗରରେ ରହୁଥିବା ହରି ପାଢ଼ୀଙ୍କ ଘର, ଟୁର ଆଣ୍ଡ ଟ୍ରାଭେଲ୍ସ ମାଲିକ ଶିବ ପ୍ରସାଦ ପାଢ଼ୀଙ୍କ ଅମ୍ବିକା ନଗର ସ୍ଥିତ ବାସଭବନ ଓ ଷ୍ଟେସନ୍ ସ୍ଥିତ ଟ୍ରାଭେଲ୍ସ ଅଫିସ୍, କନିଷି ଗାଁର ବ୍ୟବସାୟୀ ସୁନୀଲ ପାତ୍ରଙ୍କ ଘର, ଆସ୍କା ବ୍ଲକ ଖାରିଆ ସରପଞ୍ଚ ଜୟନ୍ତୀ ସାହୁ ଏବଂ ତାଙ୍କ ସ୍ୱାମୀ ମଦ ଓ ବାଲି ବ୍ୟବସାୟୀ ଭଗବାନ ସାହୁଙ୍କ ବାସଭବନ, ଶେରଗଡ଼ର ବିଜେଡି ନେତା ହୃଷିକେଶ ପାଢ଼ୀଙ୍କ ବାସଭବନରେ ରେଡ୍ ହୋଇଥିଲା। ଆଉ ତଥ୍ୟ ପ୍ରମାଣ ହାତେଇବା ପରେ, ଏ ସମସ୍ତଙ୍କୁ ସମନ କରିଛି ଇଡି। ହେଲେ କେବଳ ଗଞ୍ଜାମର ମାଫିଆଙ୍କୁ ଧରି ଇଡି ଚୁପ୍ ବସିବ ନା ସାରା ରାଜ୍ୟରେ ଥିବା ମାଫିଆଙ୍କୁ ସ୍କାନରକୁ ଆଣିବ ? ସେନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡିର ପୂର୍ବତନ ବିଧାୟକ। ବାଲି ଦଲାଲଙ୍କୁ ତନାଘନା ପରେ, ପ୍ରଶାସନିକ ଅଧିକାରୀଙ୍କ ଛାତି ଧଡଧଡ। ବାଲି, ମଦ ବ୍ୟବସାୟୀଙ୍କ ସହ ମିଳି ଭଗତରେ ଥିଲେ ପ୍ରାଶାସନିକ ଅଧିକାରୀ। ମାଫିଆଙ୍କ ଲିଙ୍କ୍‌ରେ ଥିବା କେଉଁ ଅଧିକାରୀ କେମିତି ଓ କେବେଠୁ ମାଲମାଲ୍ ହୋଇଥିଲେ ସେନେଇ ତଦନ୍ତ ଆରମ୍ଭ ହୋଇଛି।

## ପଞ୍ଚାୟତ ନିର୍ବାଚନ ପାଇଁ ରିଭିଜନ ଆରମ୍ଭ କଲେ ପ୍ରମୁଖ ରାଜନୈତିକ ଦଳ

ଭୁବନେଶ୍ୱର, ୩୦/୧ (ନି.ପ୍ର): ଗାଁ ଗାଁରେ କାହାର ସଙ୍ଗଠନ କେତେ ସୁଦୃଢ଼? ତୃଣମୂଳସ୍ତରର ଲୋକ କେଉଁ ଦଳ ସହ ଆଗକୁ ବଢ଼ିବେ। ଏହାର ସଂକେତ ଦେବ ପଞ୍ଚାୟତ ନିର୍ବାଚନ। ତେଣୁ ୩ ରାଜନୈତିକ ଦଳ ପଞ୍ଚାୟତ ନିର୍ବାଚନରେ ଦମଦାର ପ୍ରଦର୍ଶନ ପାଇଁ ଏବେଠୁ କଷିଲେଣି ଅଙ୍କ । ତୁହାକୁ ତୁହା ବୈଠକ ଓ ଆଲୋଚନା ଭିତରେ ପଞ୍ଚାୟତ ଦଖଲ ପାଇଁ ଚାଲିଛି ପ୍ରସ୍ତୁତି । ତୃଣମୂଳସ୍ତରରେ ସବୁ ଦଳର ସଂଗଠନ ଅସଜଡା ଅବସ୍ଥାରେ



ଥିବାବେଳେ, ପଂଚାୟତ ପରୀକ୍ଷା ପାଇଁ ରିଭିଜନ ଆରମ୍ଭ କରିଛନ୍ତି ୩ ପ୍ରମୁଖ ରାଜନୈତିକ ଦଳ। କାରଣ ଆଗାମୀ ପଞ୍ଚାୟତ ନିର୍ବାଚନ ହେଉଛି ସମ୍ମାନର ଲଢେଇ। ୨୦୨୯ ଫାଇନାଲ ପୂର୍ବରୁ ସେମିଫାଇନାଲ ମୁକାବିଲା ମୈଦାନ ସାଜିବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ସେମିଫାଇନାଲରେ ଦମଦାର ପ୍ରଦର୍ଶନ ପାଇଁ ବର୍ଷେ ପୂର୍ବରୁ ଶାସକ ବିଜେପିର କବାଟକିଳା ବୈଠକ। ଛାମୁଆ କର୍ମୀଙ୍କୁ ପଞ୍ଚାୟତ ପରୀକ୍ଷା ପାଇଁ ମନ୍ତ୍ର ଦେଇଛନ୍ତି ମୋହନ ଓ ମନମୋହନ। ◆◆ପୃଷ୍ଠା ୭

## ଫେବ୍ରୁଆରୀ ୧୭ରୁ ବଜେଟ୍ ଅଧିବେଶନ

ଭୁବନେଶ୍ୱର, ୩୦/୧ (ନି.ପ୍ର): ଆସନ୍ତା ଫେବ୍ରୁଆରୀ ୧୭ ତାରିଖରୁ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଫେବ୍ରୁଆରୀ ୨୦ରେ ୨୦୨୬-୨୭ ବର୍ଷ ପାଇଁ ବଜେଟ୍ ଆଗତ ହେବ। ଦୁଇଟି ପର୍ଯ୍ୟାୟରେ ଚାଲିବ ବିଧାନସଭା ବଜେଟ୍ ଅଧିବେଶନ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବ୍ରୁଆରୀ ୧୭ରୁ ୨୪ ଯାଏଁ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ରୁ ଏପ୍ରିଲ୍ ୮ ଯାଏଁ ଚାଲିବ। ଅଧିବେଶନରେ ମୋଟ ୨୮ଟି କାର୍ଯ୍ୟଦିବସ ରହିଛି।

## ହାଇକୋର୍ଟରୁ ଅନୁଭବଙ୍କୁ ଝଟ୍‌କା: ଜାରି ରହିବ ଯୌତୁକ ନିର୍ଯାତନା ମାମଲା

ଭୁବନେଶ୍ୱର, ୩୦/୧ (ନି.ପ୍ର): ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତିଙ୍କୁ ଝଟକା । ଅନୁଭବଙ୍କ ଆବେଦନ ଖାରଜ କରିଛନ୍ତି ହାଇକୋର୍ଟ । ତାଙ୍କ ବିରୋଧରେ ଚାଲିବ ଯୌତୁକ ନିର୍ଯାତନା ମାମଲା । ତଳ କୋର୍ଟଙ୍କ ଚାର୍ଜଫ୍ରେମକୁ କାଏମ ରଖିଛନ୍ତି ଉଚ୍ଚ ନ୍ୟାୟାଳୟ । ଅନୁଭବ ଓ ତାଙ୍କ କର୍ମଚାରୀଙ୍କ ବିରୋଧରେ ଏତଲା ଦେଇଥିଲେ ବର୍ଷା ପ୍ରିୟଦର୍ଶିନୀ । ଅନୁଭବଙ୍କ ଘରେ ଥିବା ବେଳେ ମାନସିକ ନିର୍ଯାତନା ପାଉଥିବା ନେଇ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ । ଅନୁଭବ ଓ ତାଙ୍କ ସହଯୋଗୀ ଘଗେଶ୍ୱରଙ୍କ ବିରୋଧରେ ହେବ ବିଚାର । ତଳ କୋର୍ଟଙ୍କ ରାୟ ବିରୋଧରେ ହାଇକୋର୍ଟ ଯାଇଥିଲେ ଓଲିଉଡ୍ ସୁପରଷ୍ଟାର । ଘରୋଇ ହିଂସା ମାମଲାରେ ଜିତିଥିବାରୁ ଏହି ମାମଲାର ଅସ୍ତିତ୍ୱ ନାହିଁ । ତେଣୁ କ୍ରିମିନାଲ କେସ ଖାରଜ କରିବାକୁ ଅନୁଭବ ଅନୁରୋଧ କରିଥିଲେ ।

## ସେନା ଓ ସି ଜିନପିଙ୍ଗଙ୍କ ମଧ୍ୟରେ ବଢୁଛି ଉତ୍ତେଜନା



ନୂଆଦିଲ୍ଲୀ,୩୦/୧ : ଚୀନର ରାଜଧାନୀ ବେଜିଂ ଏବଂ ଏହାର ଆଖପାଖ ଅଞ୍ଚଳରେ ଗତ କିଛି ଦିନ ଧରି ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଭାରତୀୟ ଗୁଇନ୍ଦା ସଂସ୍ଥାର ସୂଚନା ଓ ଚୀନ୍ ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓ ଅନୁଯାୟୀ, ସାମରିକ ଗତିବିଧି ଓ ସୁରକ୍ଷା ବ୍ୟବସ୍ଥା ହଠାତ୍ ବୃଦ୍ଧି ପାଇଛି । ଏହା ଚୀନ୍‌ର ରାଜନୈତିକ ଏବଂ ସାମରିକ ନେତୃତ୍ୱ ଭିତରେ ଆଭ୍ୟନ୍ତରୀଣ ଅସ୍ଥିରତା ନେଇ ପ୍ରଶ୍ନ ଉଠାଇଛି । ଗୁଇନ୍ଦା ଆକଳନ ଅନୁଯାୟୀ, ପିପୁଲ୍ସ ଲିବରେସନ ଆର୍ମିର କିଛି ନିର୍ଦ୍ଦିଷ୍ଟ ୟୁନିଟକୁ ଫାଷ୍ଟ-ଲେବେଲ କମ୍ବାଟ୍ ରେଡିନେସ୍ ମୋଡରେ ରଖାଯାଇଛି । ଏହି ସ୍ଥିତି ସାଧାରଣତଃ ସେତେବେଳେ କାର୍ଯ୍ୟକାରୀ କରାଯାଏ , ଯେତେବେଳେ ଏକ ବଡ଼ ବିପଦର ଆଶଙ୍କା କରାଯାଏ । ତଥାପି, ଏହି ବିଷୟରେ ଚୀନ୍ ସରକାର କିମ୍ବା ସାମରିକ ବାହିନୀ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ । ଜାନୁଆରୀ ୨୬ ତାରିଖର ଭିଡିଓଗୁଡ଼ିକ ଚୀନ୍ ପ୍ଲାଟଫର୍ମ ବି-ଚାର୍ଟ ଏବଂ ଅନ୍ୟ ସୋସିଆଲ ମିଡିଆରେ ଦ୍ରୁତ ପ୍ରସାରିତ କରାଯାଉଛି । ଏହି ଭିଡିଓଗୁଡ଼ିକରେ ବେଜିଂରୁ ପ୍ରାୟ ୪୦ ରୁ ୫୦ ◆◆ପୃଷ୍ଠା ୭

## ରାଜ୍ୟର ସହରାଂଚଳରେ ପାର୍କର ବଦଳିବ ରୂପରେଖ

ଭୁବନେଶ୍ୱର, ୩୦/୧ (ନି.ପ୍ର): ରାଜ୍ୟର ସହରାଂଚଳରେ ଜୀବନଧାରଣର ମାନ ବୃଦ୍ଧି ଏବଂ ସର୍ବସାଧାରଣ ସମ୍ପତିର ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର । କେବଳ ଭୁବନେଶ୍ୱର କିମ୍ବା କଟକ ନୁହେଁ, ବରଂ ଓଡ଼ିଶାର ସମସ୍ତ ପୌରାଞ୍ଚଳରେ ଥିବା ପାର୍କଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସାମଗ୍ରିକ ଉନ୍ନତି ପାଇଁ ଏକ ସମୟବଦ୍ଧ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଉପ-ମୁଖ୍ୟମନ୍ତ୍ରୀ ହେବେ ସୁନେତ୍ରା ପାୱାର: ଆଜି ନେବେ ଶପଥ

ନୂଆଦିଲ୍ଲୀ,୩୦/୧ : ଅଜିତ ପ୍ୱାରଙ୍କ ମୃତ୍ୟୁ ପରେ, ମହାରାଷ୍ଟ୍ର ରାଜନୀତିରେ ହଲଚଲ ଦେଖିବାକୁ ମିଳୁଛି । କିଏ ହେବ ଉପ-ମୁଖ୍ୟମନ୍ତ୍ରୀ ସେନେଇ ମଧ୍ୟ ଚର୍ଚ୍ଚା ଚାଲିଥିବା ବେଳେ ଏବେ ଏହା ସ୍ପଷ୍ଟ ହୋଇଛି । ସୁନେତ୍ରା ପାୱାର ଫଡନଭିସ୍ ସରକାରରେ ଉପମୁଖ୍ୟମନ୍ତ୍ରୀ ହେବା ସହ ଆସନ୍ତା କାଲି ସେ ପଦ ଓ ଗୋପନୀୟତାର ଶପଥ ପାଠ ନେବେ ବୋଲି ସ୍ପଷ୍ଟ ହୋଇଛି । ସେପଟେ ଦୁଇ ଏନସିପି ଗୋଷ୍ଠୀ ଏକାଠି ହେବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ପୂର୍ଣ୍ଣଛେଦ ପଡ଼ିଛି । ଦୁଇ ଏନସିପି ଗୋଷ୍ଠୀ କେବେ ଏକାଠି ହୋଇପାରିବେ ନାହିଁ ବୋଲି ପୂର୍ବରୁ ବିଜେପି ରାଜ୍ୟସଭା ସାଂସଦ ଧନଞ୍ଜୟ ମହାଦିକ କହିଥଲେ । ଏବେ ଯାହା ସତ୍ୟ ପ୍ରମାଣିତ ହେବାକୁ ଯାଉଛି । କେବଳ ସେତିକି ନୁହେଁ ସେ କହିଥିଲେ, ଉଭୟଙ୍କ ପାଖରେ ପ୍ରବଳ ଶକ୍ତି ଅଛି, ୪୦ ବିଧାୟକ ଏବଂ ୧୦ ସାଂସଦ ଅଛନ୍ତି, ତେଣୁ ସେମାନେ ଏକ ହେବା ଉଚିତ। ସେ ଏହା ମଧ୍ୟ କହିଛନ୍ତି କି ଯଦି ସୁନେତ୍ରା ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଏ, ତେବେ ସେ ପ୍ରଭାବଶାଳୀ ଭାବରେ କାମ କରିପାରିବେ। ତାଙ୍କ ପାଖରେ ଏବେ ରାଜ୍ୟସଭା ଅଭିଜ୍ଞତା ମଧ୍ୟ ଅଛି । ଏଠାରେ କହିରଖୁଛୁ କି, ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର ୨୦୨୪ ଲୋକସଭା ନିର୍ବାଚନରେ ବାରାମତୀ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଠାରେ ତାଙ୍କର ମୁକାବିଲା ଅଜିତ ପାୱାରଙ୍କ



ସମ୍ପର୍କୀୟ ଭଉଣୀ ସୁପ୍ରିୟା ସୁଲେଙ୍କ ସହ ହୋଇଥିଲା। ସୁଲେ ତାଙ୍କୁ ପରାସ୍ତ କରିଥିଲେ। ଏହା ସୁନେତ୍ରା ପାୱାରଙ୍କ ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନ ଉଠାଇଥିଲା। ତା''ପରେ ଅଜିତ ପାୱାର ତାଙ୍କ ପତ୍ନୀଙ୍କୁ ରାଜ୍ୟସଭାକୁ ପଠାଇବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସେ ସଂସଦର ଉଚ୍ଚ ସଦନର ସଦସ୍ୟ ହୋଇଥିଲେ। ୨୫ ଜୁନ୍ ୨୦୨୫ରେ ସୁନେତ୍ରା ପାୱାର ରାଜ୍ୟସଭା ସଦସ୍ୟ ଭାବରେ ଶପଥ ନେଇଥିଲେ। ସେବେଠାରୁ ସେ ସଦସ୍ୟ ଅଛନ୍ତି। ଏସବୁ ଭିତରେ ମହାରାଷ୍ଟ୍ର ରାଜନୈତିକ ଗତିବିଧି ସ୍ପଷ୍ଟ ବାରି ହୋଇଯାଉଛି। ବରିଷ୍ଠ ଏନସିପି ନେତାମାନେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ଭେଟିଛନ୍ତି। ଏନସିପି ନେତାଙ୍କ ସହ ଫଡନାଭିସଙ୍କ ବୈଠକ ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିଲା। ଉପସ୍ଥିତ ନେତାମାନଙ୍କ ମଧ୍ୟରେ ଛଗନ ଭୁଜବଳ, ଏନସିପିର ଜାତୀୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ ପଟେଲ, ଏନସିପି ମୁମ୍ବାଇ ମୁଖ୍ୟ ସୁନୀଲ ତତକରେ ଓ ଧନଞ୍ଜୟ ମୁଣ୍ଡେ ପ୍ରମୁଖ ସାମିଲ ଥିଲେ।

# ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପୋଷଣ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡ଼ା, ୩୦/୧ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପୋଷଣ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ମାସରେ ନୂଆପଡ଼ା ଜିଲ୍ଲାରେ କୌଣସି ମାତୃମୃତ୍ୟୁ ଘଟିନଥିବା ତଥ୍ୟ ଉପସ୍ଥାପିତ ହେବାରୁ ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରିଥିଲେ । ତଥାପି, ଜିଲ୍ଲାରେ ଶିଶୁମୃତ୍ୟୁ ହାର କମାଇବା ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ "ପ୍ରତିରୋଧ ସହ ହସ୍ତକ୍ଷେପ" ନୀତିକୁ ଅଧିକ ସଫଳତାର ସହ ରୂପାୟନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଏନଏମ ମାନେ ସେକ୍ଟର ସ୍ତରୀୟ ବୈଠକ ମାଧମରେ ଗର୍ଭବତୀ ମହିଳା ମାନଙ୍କୁ ସଚେତନ କରି ଶିଶୁମୃତ୍ୟୁ ରୋକିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ସେ କହିଥିଲେ। ବୈଠକରେ ଅକ୍ସିଜେନ୍ ଅଭାବ, କମ୍ ଜନ୍ମ ଓଜନ, ଜଣ୍ଡିସ, ସମୟପୂର୍ବ ଜନ୍ମ ଓ ଅନ୍ୟାନ୍ୟ କାରଣରୁ ଶିଶୁମୃତ୍ୟୁ ଘଟୁଥିବା ବିଷୟ ଉପରେ ଆଲୋଚନା କରାଯାଇ ଏହାକୁ ରୋକିବା ପାଇଁ ସମୟୋଚିତ ଚିହ୍ନଟ, ଚିକିତ୍ସା ଓ ରିଫରାଲ୍ ବ୍ୟବସ୍ଥାକୁ ମଜବୁତ କରିବାକୁ ଜୋର ଦିଆଯାଇଥିଲା। ବୈଠକର ଆରମ୍ଭରେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଧନେଶ୍ୱର ସେଠୀ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଏବଂ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରକଳ୍ପ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ସତ୍ୟନାରାୟଣ ତ୍ରିପାଠୀ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲ୍ଲାରେ ନିଆଯାଉଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ, ସି-ସେକ୍ସନ୍ ଓ ପ୍ରତିଷ୍ଠାନଗତ ପ୍ରସବ, ଟିକାକରଣ, ଅସଂକ୍ରାମକ ରୋଗ, ପିଏମଜେଏୱାଇ ଓ ଏଭିଭିୱାଇ ଯୋଜନା ସହିତ ସମ୍ପୃକ୍ତ ବିଷୟଗୁଡ଼ିକ ଉପରେ ସମୀକ୍ଷା କରାଯାଇଥିଲା। ଏହା ସହିତ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଡେଲିଭରୀ ପଏଂଟରେ ନବଜାତ ସ୍କ୍ରିନିଂ ଓ ଏବିଏଚଏ ଆଇଡି ସୃଷ୍ଟି ବିଷୟରେ ମଧ ଆଲୋଚନା ହୋଇଥିଲା। ସ୍ପର୍ଶ କୁଷ୍ଠ ରୋଗ ସଚେତନତା ଅଭିଯାନରେ ସଚେତନତା ପାଇଁ କାମ କରିଥିବା କୋମନାର ଛାତ୍ରୀ ଇନ୍ଦୁମତୀ ଦୁହିଆ ଓ ନୂଆପଡ଼ାର ହିନାରାଣୀ ସାହୁଙ୍କୁ ଏହି ଅବସରରେ ଜିଲ୍ଲାପାଳ ସମ୍ମାନିତ କରିଥିଲେ।ସେହିପରି "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ" କୁ ଡାଏଲର ଟ୍ୟୁନ୍ ଭାବରେ ସେଟ୍ କରିବା ପାଇଁ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ "ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା" ପୁରସ୍କାରକୁ ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସର୍ଗ କରିଥିଲେ। ବୈଠକରେ ଡିଏମଓ (ଏମଏସ୍) -କମ୍-ସୁପରିଟେଣ୍ଡେଂଟ ଡାକ୍ତର ଲଳିତ ମୋହନ ବିଶି, ଡିପିଏଚଓ ଡାକ୍ତର ଦ୍ୱାରିକାନାଥ ସତପଥୀ, ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତି, ଏଡିପିଏଚଓ (କୁଷ୍ଠ) ଡାକ୍ତର ତନ୍ମୟ ତ୍ରିପାଠୀ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବହୁ ଚର୍ଚ୍ଚିତ ମଲ୍ଲୀ ଯେନା ହତ୍ୟାକାଣ୍ଡ : ୮ ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଘଟଗାଁ, ୩୦/୧ (ନି.ପ୍ର): କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀର ଶାଳଦେଇ ପଂଚାୟତର ଶାଳଦେଇ ଗ୍ରାମ ବାଲି ଚୋରାଚାଲାଣକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକ ଘଟଣାରେ ୫୮ ବର୍ଷର ମହିଳା ମଲ୍ଲୀ ଯେନାକୁ ଘରଭିତରୁ ଘୋଷାରି ଆଣି ରାସ୍ତା ଉପରେ ପକାଇ ତତ୍କାଳୀନ ବାହୁବଳୀ ଶାସକଗୋଷ୍ଠୀର ନେତାମାନେ ମିଳିମିଶି ହତ୍ୟା ଘଟଣାରେ ବିଚାରକରି ଗୁରୁବାର ଦିନ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ଦେବଦତ ଦାସ ମହାପାତ୍ର ୮ଜଣ ଦୋଷୀଙ୍କୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡାଦେଶ ସହିତ ଦଶ ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦେଶର ରାୟ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ତିନି ମାସର କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ପ୍ରକାଶ କରିଛନ୍ତି। ମୋଟ ୨୧ ଜଣ ସାକ୍ଷୀଙ୍କ ବୟାନ ଓ ୪୩ ଗୋଟି ଦସ୍ତାବିଜ ଆଧାରରେ ଏହି ରାୟ ପ୍ରକାଶ ପାଇଥିବା ସରକାରୀ ଅଧିବକ୍ତା ସୌମିତ୍ରୀ କୁମାର ରାଉତ ସୂଚନା ପ୍ରଦାନ କରିଛନ୍ତି। ଘଟଣାରୁ ଜଣାଯାଏ, ଗତ ୨୨-୩-୨୦୨୩ ତାରିଖ ସକାଳ ସମୟରେ ପ୍ରାୟ ୧୦୦ରୁ ୧୨୦ ଲୋକ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ କରିବାକୁ ଆସିଥିଲେ। ବର୍ତ୍ତମାନର ଘଷିପୁରା ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ତଥା ବଡପଦନା ଗ୍ରାମର କାଳନ୍ଦୀ ସାହୁଙ୍କ ପୁଅ ମଦନମୋହନ ସାହୁ ଓରଫ ବାବନ (୪୯ )ଙ୍କ ନେତୃତ୍ୱରେ ଶାଳଦେଇ ଗ୍ରାମର ଭାଗୀରଥି ବୋଇତେଇଙ୍କ ପୁଅ ହରେକୃଷ୍ଣ ବୋଇତେଇ (୪୨), ତରୁଆଁ ଗ୍ରାମର ଅଭିମନ୍ୟୁ ରାଉତଙ୍କ ପୁଅ ଅମରେଶ ରାଉତ(ସିପୁ-୩୦ବର୍ଷ),ବଡପଦନା ଗ୍ରାମର କାଳନ୍ଦୀ ସାହୁଙ୍କ ପୁଅ ସନ୍ତୋଷ ସାହୁ(୪୦), ଗୋବିନ୍ଦ ପଲେଇଙ୍କ ପୁଅ ଭାଗୀରଥି ପଲେଇ( ୩୫), ହୃଷିକେଶ ରାଉତଙ୍କ ପୁଅ ଅଞ୍ଜନ ରାଉତ (ଟିଲୁ- ୨୭ ବର୍ଷ)ତରୁଆଁ ଗ୍ରାମର ଗୋପୀନାଥ ବେହେରାଙ୍କ ପୁଅ ବଳରାମ ବେହେରା ଓରଫ ବଳିଆ(୫୨), ନାରାୟଣ ବେହେରାଙ୍କ ପୁଅ ମାନସ ରଞ୍ଜନ ବେହେରା ଓରଫ ସିପୁନ(୨୫) ପ୍ରମୁଖ ମିଳିମିଶି ଆକ୍ରମଣ କରିଥିଲେ। ମଲୀ ଯେନା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରିତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରାମଚନ୍ଦ୍ର ପୁର ପୋଲିସ ଥାନା କେସ୍ ନମ୍ବର ୭୨/୨୩ରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୪୭, ୧୪୮, ୨୯୪, ୩୨୩, ୩୨୬, ୩୫୪, ୩୫୪(ବି), ୪୨୭, ୫୦୬, ୩୦୨,୧୪୯ ଧାରାରେ ତଦନ୍ତ କରି ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଆନନ୍ଦପୁର ଅତିରିକ୍ତ ଦୌରାଜଜ ଏସ୍ ଟି କେସ୍ ନମ୍ବର ୭୬/୨୩ରେ ବିଚାର କରି ସାକ୍ଷ୍ୟ ପ୍ରମାଣ ଆଧାରରେ ୩୦୪(ବି)ରେ ୧୦ବର୍ଷର କାରାଦେଶ ସହିତ ୧୦ ହଜାର ଜୋରିମାନା ଓ ଜୋରିମାନା ଅନାଦେୟ ୩ ମାସ, ୩୨୬ ଧାରାରେ ୫ ବର୍ଷ କାରାଦେଶ ସହିତ ୫ ହଜାର ଜୋରିମାନା ଓ ଅନାଦେୟ ୧ ମାସ କାରାଦେଶ, ୧୪୭ ଓ ୩୨୩ ଧାରାରେ ୧ ବର୍ଷ ଲେଖାଏଁ କାରାଦେଶ ପ୍ରଦାନ କରିଛନ୍ତି।

## ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର କ୍ରୀଡ଼ା ପ୍ରତିଯୋଗିତା

ଚମ୍ପୁଆ, ୩୦/୧ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ରିମୁଳି ଠାରେ ଥିବା ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ସଂଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଶ୍ମିରଂଜନ ସାହୁ(ଓଡ଼ିଶା ପୋଲିସ ସେବା) ଯୋଗ ଦେଇଥିଲେ। ମୁଖ୍ୟଅତିଥି ପତାକା ଉତୋଳନ କଲାପରେ ପ୍ରତିଯୋଗୀମାନଙ୍କୁ ଶପଥ ପାଠ କରାଯାଇ ଖେଳକୁଦ ଆରମ୍ଭ କରାଯାଇ ଥିଲା। ଏଥିରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଦୌଡ଼ ପ୍ରତିଯୋଗିତା, ଲମ୍ଫଡିଆଁ, ଉଚ୍ଚ ଡିଆଁ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଛା ଫିଙ୍ଗା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଶିକ୍ଷକ ଗୁରୁଚରଣ ସାହୁ, କ୍ରୀଡ଼ା ପ୍ରଶିକ୍ଷିକା ଲୋଟସ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସେବକ ସେବିକା ପରିଚାଳନାରେ ସହଯୋଗ କରିଥିଲେ।

# ଗବେଷଣା ଓ ଶିକ୍ଷାଗତ ଆଦାନ-ପ୍ରଦାନ ପାଇଁ ସିୟୁଓ-ଏସଓଏ ମଧ୍ୟରେ ଏମଓୟୁ ସ୍ୱାକ୍ଷର

ଜୟପୁର, ୩୦/୧ (ନି.ପ୍ର): ଗବେଷଣା ଓ ଶିକ୍ଷାଗତ ଆଦାନ-ପ୍ରଦାନ ପାଇଁ ସିୟୁଓ-ଏସଓଏ ମଧରେ ଏମଓୟୁ ସ୍ୱାକ୍ଷର କୃଷି ଏବଂ ଅନୁସଙ୍ଗିକ କ୍ଷେତ୍ରରେ ମିଳିତ ଗବେଷଣା, ଶିକ୍ଷାଗତ ଆଦାନ-ପ୍ରଦାନ ଓ ଆଉଟରିଚ୍ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟ ଏବଂ ଶିକ୍ଷା 'ଓ' ଅନୁସନ୍ଧାନ (ଏସଓଏ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମଧରେ ୨୮ ଜାନୁଆରୀରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଏମଓୟୁ ଏସଓଏର କୁଳପତି ସମ୍ମିଳନୀ କକ୍ଷରେ ଉଭୟ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଓ ଅଧାପକମାନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଛି।

ଏମଓୟୁରେ ସିୟୁଓ ପକ୍ଷରୁ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଏସଓଏ ପକ୍ଷରୁ କୁଳପତି ପ୍ରଫେସର (ଡ଼.) ପ୍ରଦୀପ୍ତ କୁମାର ନନ୍ଦ ସ୍ୱାକ୍ଷର କରି ଆଦାନ-ପ୍ରଦାନ କରିଥିଲେ। ଏହି ଅବସରରେ ସିୟୁଓର କୃଷି ବିଭାଗର ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ ଓ ଦୁଗ୍ଧ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ସଞ୍ଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏସଓଏ ପକ୍ଷରୁ କୃଷି ବିଜ୍ଞାନ ସଂସ୍ଥାର ଡିନ୍ ପ୍ରଫେସର (ଡ଼.) ସନ୍ତୋଷ କୁମାର ରାଉତ ସହ ଅନ୍ୟାନ୍ୟ ଅଧାପକମାନେ ଯୋଗ ଦେଇଥିଲେ।

ଏହି ଅବସରରେ ପ୍ରଫେସର ପଣ୍ଡା କହିଥିଲେ ଯେ, ଏହି ଏମଓୟୁ କୃଷି ଓ ଅନ୍ୟାନ୍ୟ ଚିହ୍ନଟ କ୍ଷେତ୍ରରେ ସହମତିଭିତିକ ସଂଯୁକ୍ତ ଗବେଷଣା କାର୍ଯ୍ୟକ୍ରମ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧାପକମାନେ ସିୟୁଓ ଓ ଏସଓଏରେ ଉପଲବ୍ଧ ପ୍ରୟୋଗଶାଳା ଓ ଅନ୍ୟାନ୍ୟ ସୁବିଧା ବ୍ୟବହାର କରି ଗବେଷଣା ଓ ଆଉଟରିଚ୍ କାର୍ଯ୍ୟକଳାପ କରିପାରିବେ ବୋଲି ସେ କହିଥିଲେ।

ଏହି ଏମଓୟୁ ଅନୁଯାୟୀ ଉଭୟ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ବୈଜ୍ଞାନିକ ଓ ଅଧାପକମାନଙ୍କ ଆଦାନ-ପ୍ରଦାନ, ପଦ୍ଧତି, ପ୍ରଯୁକ୍ତି, ବୈଜ୍ଞାନିକ ସାହିତ୍ୟ ଓ ପ୍ରୟୋଗଶାଳା ସୁବିଧାର ବ୍ୟବହାର, ସହଯୋଗୀ ଗବେଷଣା ଓ ଆଉଟରିଚ୍ କାର୍ଯ୍ୟକ୍ରମ ଉନ୍ନୟନ ସହିତ ପିଏଚଡ଼ି, ଏମଏସସି ଓ ଏମଟେକ୍ ଗବେଷକଙ୍କ ସଂଯୁକ୍ତ ନିର୍ଦ୍ଦେଶନାରେ ସହଯୋଗ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ସଂଯୁକ୍ତ କାର୍ଯ୍ୟଯୋଜନା ମାଧମରେ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ସହ ଏହି ସହଯୋଗ କାର୍ଯ୍ୟାନ୍ୱିତ ହେବ।

ଏମଓୟୁର ଅବଧି ସମ୍ପର୍କରେ ସୂଚନା ଦେଇ ସିୟୁଓର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ କହିଛନ୍ତି ଯେ, ଏହି ଏମଓୟୁ ପାଂଚ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ପାରସ୍ପରିକ ସହମତି ଓ କାର୍ଯ୍ୟଦକ୍ଷତା ଆଧାରରେ ଆଗାମୀ ଦିନରେ ବଢ଼ାଯାଇପାରିବ।

# ମାଲ୍ୟବନ୍ତ ମହୋତ୍ସବ ପ୍ରମୋ ସଙ୍ଗୀତ ଉନ୍ମୋଚନ

ମାଲକାନଗିରି, ୩୦/୧ (ନି.ପ୍ର): ଆଜି ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ମାଲ୍ୟବନ୍ତ ମହୋତ୍ସବ ପ୍ରମୋ ସଙ୍ଗୀତକୁ ଉନ୍ମୋଚନ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ସୋମେଶ କୁମାର ଉପାଧ୍ୟାୟ ଏହି ସଙ୍ଗୀତକୁ ଉନ୍ମୋଚନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ଘେନୁ ମୁଦୁଲି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଓ ବିଧାୟକ ପ୍ରତିନିଧି ମାଣିକଲାଲ ଚକ୍ରବର୍ତୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଆସନ୍ତା ୧ ରୁ ୫ ଫେବୃଆରୀ ମଧରେ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆୟୋଜନ ହେଉଛି । ଏଥିରେ ରାଜ୍ୟର ସ୍ୱନାମଧନ୍ୟ କଳାକାର ଓ ବଲିଉଡ୍ ର କଳାକାରଙ୍କୁ ନିମନ୍ତ୍ରଣ କରାଯାଇଛି । ଆବାଳ ବୃଦ୍ଧ ବନିତା ଏହି ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ଏହାକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ୍ ଜଣାଇଛନ୍ତି। ସେହିପରି ଆସନ୍ତା ୩୧ ରେ ସତିଗୁଡ଼ା ଜଳଭଣ୍ଡାର ଠାରେ ହେବାକୁ ଥିବା ନୌକା ଚାଳନା ପ୍ରତିଯୋଗୀତାରେ ମଧ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିନାଶ ମିଶ୍ର ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଏହି ସଙ୍ଗୀତ ପ୍ରସ୍ତୁତିରେ ଭାଗ ନେଇଥିବା ସମସ୍ତ କଳାକାର ଓ ବୈଷୟିକ ଟିମ୍ ଏଥିରେ ଉପସ୍ଥିତ ଥିଲେ।

ଅନ୍ୟ ମାନଙ୍କ ମଧରେ ବିଭିନ୍ନ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଶିକ୍ଷଣ ସାମଗ୍ରୀ ବିକଶିତ କର୍ମଶାଳା

ଖୋର୍ଦ୍ଧା, ୩୦/୧ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମୁକ୍ତାପୁର ଆଂଚଳିକ ସାଧନୀ କେନ୍ଦ୍ର ଅଧୀନ ରେ ଥିବା ମହାମାୟା ସରକାରୀ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷଣ ସାମଗ୍ରୀ ବିକଶିତ କର୍ମଶାଳା ଗତ ଦୁଇଦିନ ଧରି ଆୟୋଜିତ ହୋଇଥିଲା। ଏଭଳି ଉପଯୋଗୀ କର୍ମଶାଳାକୁ ଆଂଚଳିକ ସାଧନୀ କେନ୍ଦ୍ରର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ପରିଚାଳନା କରାଯାଇଥିଲା। ମୁକ୍ତାପୁର ଆଂଚଳିକ ସାଧନୀ କେନ୍ଦ୍ର ଅଧୀନ ରେ ଥିବା ୮ଟି ବିଦ୍ୟାଳୟ ର ୩୦ ଜଣ ବରିଷ୍ଠ ତଥା ଦକ୍ଷ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉକ୍ତ କର୍ମଶାଳାରେ ଯୋଗଦେଇ ଅଭିନବ ଉପାୟରେ ସ୍ୱଳ୍ପ ମୂଲ୍ୟ ଓ ଅପଚୟ ହେଉଥିବା ବସ୍ତୁରୁ ବିଷୟ ସଂପର୍କିତ ଶିକ୍ଷଣ ସାମଗ୍ରୀଗୁଡିକ ପ୍ରସ୍ତୁତ କରିଥିଲେ। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହୀରାମଣି ରାଉତ ଉକ୍ତ କର୍ମଶାଳାକୁ ପ୍ରସ୍ତୁତ କରିବା ସମୟରେ ପରିଦର୍ଶନ, ସହାୟତା କରିବା ସହ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଉକ୍ତ କର୍ମଶାଳାରେ ଅନିତା ମହାପାତ୍ର, ନୃସିଂହମଣି ବେହେରା, ସୂର୍ଯ୍ୟକାନ୍ତୀ ଦାସ, ଆଲିଆ ଫିର୍ଦୌସ, ରଶ୍ମି ମିଶ୍ର, ଅଞ୍ଜଳି ବେହେରା, ରାଜେଶ୍ୱରି ସାହୁ, ବିଜୟ କୁମାର ସାହୁ, ସନ୍ଧ୍ୟାରାଣୀ ସାହୁ, ବିଭୂଜ୍ୟୋତି ପଟ୍ଟନାୟକ, ଚିଦାନନ୍ଦ କଅଁର, ନିରୁପମା ରାଉତରାୟ, ସୁନୀତା ମହାରଣା, ପ୍ରଣତି ବରାଳ, ଲକ୍ଷ୍ମୀପ୍ରିୟା ପ୍ରଧାନ, ପଦ୍ମନାଭ ସାହୁ, ମଧୁସ୍ମିତା ସେଠି, ଚନ୍ଦ୍ରକାନ୍ତ ସୁନ୍ଦରାୟ, ସ୍ନେହଲତା ସାହୁ, ସୁକାନ୍ତ ସେଠୀ, ରମେଶ ଚନ୍ଦ୍ର ସାହୁ, ନିରୁପମା ରାଉତରାୟ, ଜୟନ୍ତୀ ନାହାକ ପ୍ରମୁଖ ଯୋଗ ଦାନ ଦେଇ ସେମାନଙ୍କର ଅଭିନବ ପ୍ରୟାସ ମାଧମରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସଫଳତାର ପ୍ରଦର୍ଶନ ପ୍ରଜ୍ଞାପନ ମେଢ

ପୁରୀ, ୩୦/୧ (ନି.ପ୍ର): ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଓ ବିକାଶ ସରକାରଙ୍କ ଲକ୍ଷ୍ୟ। ସେଥିପାଇଁ ବିବିଧ ଯୋଜନା ପ୍ରଣୟନ କରାଯାଏ। ଏହି ଯୋଜନା ଗୁଡିକ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇବା ଓ ତାହାର ସୁଫଳ ପ୍ରଦାନ କରିବା ଏକ ପ୍ରକ୍ରିୟା। ଏହି ପ୍ରୟାସର ରୂପାୟନ ଓ ସଫଳତାର ପ୍ରଦର୍ଶନ ହେଉଛି ପ୍ରଜ୍ଞାପନ ମେଢ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଚଳିତ ସାଧାରଣତନ୍ତ୍ର ଦିବସ ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ପୁରୀ ପୌରପାଳିକା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସେମାନଙ୍କ ବିଭାଗର ସଫଳତାକୁ ପ୍ରଜ୍ଞାପନ ମେଢ ଆକାରରେ ସୁନ୍ଦର ଭାବେ ସଜାଇ ପ୍ରଦର୍ଶନ କରାଇଥିଲେ। ଏହି ସଜ୍ଜିତ ପ୍ରଜ୍ଞାପନ ମେଢ ଗୁଡିକ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିଥିଲେ। ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଜ୍ଞାପନ ମେଢ ଗୁଡିକୁ ଦେଖି ଖୁସି ବ୍ୟକ୍ତ କରିଥିଲେ। କନ୍ୟା ସୁରକ୍ଷା ଓ ବାଲ୍ୟ ବିବାହକୁ ବନ୍ଦ ଲକ୍ଷ୍ୟରେ ବାଳିକା ମାନଙ୍କ ଦ୍ୱାରା ଏକ ସାଇକେଲ ଶୋଭାଯାତ୍ରା ମଧ ପରେଡ ପଡିଆରେ ପ୍ରଦର୍ଶନ କରାଯାଇଥିଲା।

## ନିକଲସନ ବନବିଦ୍ୟାଳୟକୁ ପରିଦର୍ଶନ କଲେ ମନ୍ତ୍ରୀ

ଚମ୍ପୁଆ, ୩୦/୧ (ନି.ପ୍ର): ଚମ୍ପୁଆ ନିକଲସନ ବନବିଦ୍ୟାଳୟକୁ ଆଜି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ ପରିଦର୍ଶନ କରିଛନ୍ତି। ଗତ ତା୧୩ରିଖ ଦିନ ଆଭାସୀ ମାଧମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ପ୍ରମୁଖ ଏହି ଉଦଘାଟନରେ ସାମିଲ ଥିଲେ। ମାତ୍ର ସେତେବେଳେ ମନ୍ତ୍ରୀ ଆସିନଥିବା କାରଣରୁ ଆଜି ଅଚାନକ ଗସ୍ତ କ୍ରମରେ ଆସି ପରିଦର୍ଶନ କରି ଫେରି ଯାଇଛନ୍ତି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ହନୁମନ୍ତ, ଏସିଏଫ୍ ଅଶୋକ ଦାସ, ଏସିଏଫ୍ ନିକଲସନ ବନବିଦ୍ୟାଳୟ ରବୀନ କିସ୍କୁ, ଚମ୍ପୁଆ ରେଞ୍ଜ ଅଧିକାରୀ ଏସିଏଫ୍ ଅକ୍ଷୟ ଛତ୍ରିଆ ପ୍ରମୁଖଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ବିଦ୍ୟାଳୟର ଅଟଳ ଅଡିଟରିୟମ, ମହାତ୍ମାଗାନ୍ଧୀ ପାଠାଗାର, ଜିମ୍ କେନ୍ଦ୍ର, ଡିଜିଟାଲ ଲାଇବ୍ରେରୀ, କମ୍ପ୍ୟୁଟର ଲାବୋରେଟରୀ ଆଦି ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ-୨୦୨୬ ଅନୁଷ୍ଠିତ

ବଲାଙ୍ଗୀର, ୩୦/୧ (ନି.ପ୍ର): ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲୱାରଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ଆବାହନ କ୍ରମେ ଆଜି ପିଆର ହାଇସ୍କୁଲ ଖେଳ ପଡିଆରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ପୌରପରିଷଦ ଅଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ରସାୟନ ବୈଜ୍ଞାନିକ ଡାଃ ଶେଷ କିଷାନ, ସାଂସଦ ପ୍ରତିନିଧି ଦିନେଶ ଶର୍ମା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସରକାରୀ ସ୍କୁଲକୁ ମଡେଲ ସ୍କୁଲରେ ପରିଣତ କରିବାର ଲକ୍ଷ୍ୟ ରଖିଛି, ଯାହା ଆଧୁନିକ ପ୍ରଯୁକ୍ତିବିଦ୍ୟା, ସାମଗ୍ରିକ ବିକାଶ ଏବଂ ନବସୃଜନଶୀଳ ଶିକ୍ଷା ଉପରେ ଧ୍ୟାନ ଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଉନ୍ନତ ଭିତିଭୂମି ପ୍ରଦାନ କରିବ। ସହ ଏହି ସ୍କୁଲଗୁଡ଼ିକ ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ପ୍ରୟୋଗଶାଳା ଏବଂ ଡିଜିଟାଲ୍ ଶିକ୍ଷା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ ହେବ। ଆମ ବଲାଙ୍ଗିର ଜିଲ୍ଲାର ଛାତ୍ରଛାତ୍ରୀ ଏହା ଦ୍ୱାରା ବେଶ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଛନ୍ତି। ପିଏମଶ୍ରୀ ଗୁଡିକ ଛାତ୍ରଛାତ୍ରୀଙ୍କୁ ପାଠପଢା, ଖେଳ ସହ ଅନ୍ୟ ସବୁ କ୍ଷେତ୍ରରେ ସୁଦକ୍ଷ କରିବାରେ ସହାୟକ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଇସଲୱାର କହିଛନ୍ତି। ଏହି କାର୍ଯ୍ୟକ୍ରମ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ଟି ବ୍ଲକରୁ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଦର୍ଶନୀ ଷ୍ଟଲଗୁଡିକ ଖୋଲାଯାଇଛି, ଏଥିରେ ସକ୍ଷମ କେନ୍ଦ୍ର, ଚିତ୍ରକଳା, ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ, ବ୍ୟବସାୟୀକ ଜ୍ଞାନ କୌଶଳ ବୃଦ୍ଧି ଏବଂ ଶିକ୍ଷ କୌଶଳକୁ ବିଜନେଶ ସମିଟ ଷ୍ଟଲରେ ପ୍ରକଳ୍ପ ପ୍ରଭୃତି ରହିଛି। ଏହା ବ୍ୟତୀତ ବେଶଭୂଷା ଓ ଅଭିନୟ ମାଧ୍ୟମ ୪୫ଟି ଦେଶର ପ୍ରତିନିଧି ଭାବେ ଛାତ୍ରଛାତ୍ରୀ ମିଳିତ ଜାତିସଂଘର ସଭା କାର୍ଯ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ଓ ବିଜ୍ଞାନ ଭିତିକ ଡ୍ରାମା ପରିବେଷଣ ହୋଇଥିଲା।

# କେନ୍ଦ୍ରାପଡ଼ା ପୌର ପରିଷଦ ବୈଠକ

କେନ୍ଦ୍ରାପଡ଼ା, ୩୦/୧ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ସମ୍ମିଳନୀ କକ୍ଷରେ ପୌରାଧକ୍ଷା ସରିତା ସାହୁଙ୍କ ସଭାପତିତ୍ୱ ରେ ପୌର ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକ ମାନଙ୍କରେ ଯେଉଁ ଯେଉଁ ପ୍ରସ୍ତାବ ଗୁଡିକ ଆଗତ କରାଯାଇ ଥିଲା ସେଗୁଡିକ କାର୍ଯ୍ୟକାରୀ ହେଉ ନ ଥିବାରୁ ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ପୌରାଧକ୍ଷା ଓ ସମସ୍ତ ସଦସ୍ୟ, ସଦସ୍ୟା ମାନେ କ୍ଷୋଭ ପ୍ରକାଶ କରିଥିଲେ। ଡିସେମ୍ବର ୨୦୨୫ ମସିହାର ଆୟ ବ୍ୟୟ ସଂପର୍କରେ ସମୀକ୍ଷା, ଆଇଏଲଡବ୍ଲୁ କଟକ ଠାରେ ପଡି ରହିଥିବା ନଥି ଗୁଡିକ କାର୍ଯ୍ୟାଳୟକୁ ଆଣିବା ସମ୍ବନ୍ଧରେ ଓ କଜଳା ଶ୍ମଶାନର ଉନ୍ନତିକରଣ ର ବିଳମ୍ବ ସଂପର୍କରେ ଆଲୋଚନା କରାଯାଇ ଥିଲା। କଲ୍ୟାଣ ମଣ୍ଡପର ଉନ୍ନତିକରଣ ଅଗ୍ରଗତି ରେ ବିଳମ୍ବ ସଂପର୍କରେ କର୍ମଚାରୀଙ୍କୁ ତାଗିଦା କରାଯାଇ ନୂତନ ପୌର କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟର ଅଗ୍ରଗତିରେ ବିଳମ୍ବ ହେବାରୁ ଉପସ୍ଥିତ ଥିବା ସଭ୍ୟ, ସଭ୍ୟା ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହିତ ଭୂମିହୀନ ମାନଙ୍କୁ ଜମି ପଟା ପ୍ରଦାନ, ଡମ୍ପିଂ ୟାର୍ଡର ନିୟମିତ ସଫା କରିବା, ଗୋଶାଳା ନିମନ୍ତେ ଜମି ଯୋଗାଇବା ଆଦି ସଂପର୍କରେ ଆଲୋଚନା କରାଯାଇଛି। ପୌର ପରିଷଦ ବୈଠକ ଗୁଡିକରେ ପାରିତ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟରେ କେତେ ଅଗ୍ରଗତି ହେଲା ଏହା ଆସନ୍ତା ୪ ତାରିଖ ଦିନ ପୁଣି ଏକ ବୈଠକରେ ସମୀକ୍ଷା କରାଯିବ ବୋଲି ନିଷ୍ପତି ନିଆଯାଇଛି। ଆୟୋଜିତ ଏହି ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲିମ ଖାନ, ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ନିରାକାର ସ୍ୱାଇଁ, ଫରଜନା ବେଗମ, ପ୍ରଦୀପ୍ତ କୁମାର ଜେନା, ଉମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଏକର ପରିମିତ ଜମିରେ ଅଫିମ ଚାଷକୁ ମୂଳୋତ୍ପାଟନ କରିଛି କେନ୍ଦୁଝର ଜିଲ୍ଲା ପୋଲିସ

କେନ୍ଦୁଝର, ୩୦/୧ (ନି.ପ୍ର): ଅଫିମ ଚାଷ ନଷ୍ଟ କଲା ପୋଲିସ । କେନ୍ଦୁଝର ଜିଲାର ବଡବିଲ ଥାନା ତଥା ଯୋଡା ବ୍ଲକ ଅନ୍ତର୍ଗତ ରୋଇଡା ଗ୍ରାମ ପଂଚାୟତର ମାଙ୍କଡ ହାଟିଂ ସୁନାନଦୀ ଅବବାହିକାରେ ଥିବା ଏକ ପରିତ୍ୟକ୍ତ ଦୁର୍ଗମ ବନାଂଚଳରେ ପ୍ରାୟ ୨ ଏକର ପରିମିତ ଜମିରେ ଅଫିମ ଚାଷକୁ ମୂଳୋତ୍ପାଟନ କରିଛି କେନ୍ଦୁଝର ଜିଲା ପୋଲିସ। ଅପହଂଚ ହୋଇଥିବା ଏହି ଅଗମ୍ୟଅଗମ୍ୟ ବନସ୍ଥଳରେ ନିଶା ବେପାରୀ ମାନଙ୍କର ଚାଲିଥିଲା କଳା ସାମ୍ରାଜ୍ୟ। ଏହି ଚାଷ ସମ୍ପର୍କରେ ଗୁପ୍ତ ସୂଚନା କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ପାଇବା ପରେ ବଡବିଲ ପୋଲିସର ଅପରେସନ ଆରମ୍ଭ ହୋଇଥିଲା। ଗୁରୁବାର ପୋଲିସ ଦ୍ୱାରା ଗଠନ ହୋଇଥିବା ଟିମ୍ ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ଚଢାଉ କରିଥିଲା । ଏଥିରେ ବଡବିଲ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଡ୍ୟୁଟିରେ ଏହି ଚଢାଉରେ ସାମିଲ ଥିଲେ।ପ୍ରାୟ ୨ ଏକର ପରିମିତ ଜମିରେ ଅଫିମ ଗଛର ଫୁଲ ଏବଂ ସମ୍ପୂର୍ଣ୍ଣ ଗଛକୁ ପୋଲିସ ଫୋର୍ସ ବଡବିଲ ଆଇଆଇସି ଅଶୋକ କୁମାର ନାୟକଙ୍କ ନିର୍ଦ୍ଦେଶରେ ମୂଳତପ୍ରାଟନ କରି ନଷ୍ଟ କରି ଦେଇଥିଲେ। ଏହି ଗଛରୁ ପ୍ରସ୍ତୁତ ଅଫିମର ମୂଲ୍ୟ କୋଟି କୋଟି ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ପକ୍ଷରୁ ଅନୁମାନ କରାଯାଉଛି। ବେଳ ଥାଉ ଥାଉ ଗଛ ପୂର୍ଣ୍ଣ ବିକଶିତ ହେବା ପୂର୍ବରୁ ପୋଲିସ ଏହାକୁ ନଷ୍ଟ କରି ଦେଇଥିଲା। ତେବେ ଜିଲାରେ ପ୍ରଥମଥର ପାଇଁ ଅଫିମ ନିଶା ଗଛ ଜିଲା ପୋଲିସ ଠାବ କରିଛି ଏବଂ ପ୍ରାରମ୍ଭିକ ସୂଚନା ଅନୁଯାୟୀ ଜଣାପଡିଛି।

# ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଂଚିତ ଶିରାଘାଟ ଗ୍ରାମବାସୀ

ଜୟପୁର, ୩୦/୧ (ନି.ପ୍ର): ଗ୍ରୀଷ୍ମ ପୂର୍ବରୁ ପାନୀୟ ଜଳର ଘୋର ଅଭାବ ଦେଖିବାକୁ ମିଳିଛି । ପାଣି ସମସ୍ୟା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଗାଁ ରେ ପାନୀୟ ଜଳ ଯୋଗାଇଦେବାକୁ ସରକାରଙ୍କ ମାଳମାଳ ଯୋଜନାରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ ତା'ର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି ଜନସାଧାରଣ। ଆଜି ବି ଚୁଆ ପାଣି ଉପର ନିର୍ଭର କରୁଛନ୍ତି ଗ୍ରାମବାସୀ । ଏଭଳି ଏକ ବାସ୍ତବ ଚିତ୍ର କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଚିପାକୁର ପଂଚାୟତର ଶିରାଘାଟ ଠାରେ ଦେଖିବାକୁ ମିଳିଛି । ଗ୍ରାମାଚଂଳର ଉନ୍ନତି ହେଲେ ଦେଶର ବିକାଶ ହେବ ବୋଲି ସରକାର କହୁଥିବା ବେଳେ, ଗ୍ରାମାଚଂଳରେ ପାନୀୟ ଜଳ ଭଳି ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି ଗ୍ରାମବାସୀ। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଶିରାଘାଟ ଗାଁ ରେ ଲୋକେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ଗ୍ରାମରେ ୨୫ ପରିବାର ବସବାସ କରନ୍ତି। ହେଲେ ଏଠାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁବିଧା ନାହିଁ । ପାଂଚ ବର୍ଷ ପୂର୍ବେ ଗୋଟିଏ ନଳକୂପ ଖନନ ହୋଇଛି କିନ୍ତୁ ତାହା ଆରମ୍ଭରୁ ଅଚଳ । କୂଅ ଅଛି କିନ୍ତୁ ପାଣି ନିଅଂଟ । ବାଧ ହୋଇ ଗାଁ ନିକଟରେ ଥିବା ଚୁଆ ପାଣି ଉପରେ ନିର୍ଭର କରନ୍ତି ମହିଳା। ଚୁଆ ପାଣି ଦୂଷିତ ବୋଲି ଜାଣିଥିଲେ ମଧ ବାଧ ହୋଇ ବ୍ୟବହାର କରୁଥିବା କହିଛନ୍ତି ଗାଁ ର ମହିଳା ସମ୍ବରୀ ଖରା ଏବଂ ଡାଲମି ଖରା । ଶିରାଘାଟର ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମବାସୀ ବହୁବାର ଦାବୀ କରିଛନ୍ତି କିନ୍ତୁ ଫଳ ଶୂନ ।ଗାଁ ଲୋକଙ୍କ ଅଭିଯୋଗ ପରେ ଗାଁ ରେ ପାଂଚ ବର୍ଷ ପୂର୍ବେ ନଳକୂପ ଖନନ ହେଲା କିନ୍ତୁ ଆରମ୍ଭରୁ ତାହା ଅଚଳ ଅବସ୍ଥାରେ ପଡି ରହିଛି । ପୁଣି ଗତ ବର୍ଷ ପ୍ରଶାସନ ପକ୍ଷରୁ ଗାଁରେ ନଳକୂପ ଖନନ ହୋଇଛି କିନ୍ତୁ ପାଣି ବାହାରିଲା ନାହିଁ । ଏବେ ବାଧ ହୋଇ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି ବୋଲି କହିଛନ୍ତି ଗାଁ ର ବଳି ଖରା ଏବଂ ସତ୍ୟ ଖରା ।

ସେପଟେ ଏହି ସମସ୍ୟାକୁ ନେଇ ସ୍ଥାନୀୟ ସରପଂଚ ରାଜୁ ଖିଲଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ସମସ୍ୟା ବିଷୟରେ ସେ ଅବଗତ ଅଛନ୍ତି । ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରାଯାଇଛି, ଚଳିତ ଗ୍ରୀଷ୍ମ ପୂର୍ବରୁ ପାଣି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବ ।

# ଜାଣନ୍ତୁ ଅଣ୍ଡାକୁ କାହିଁକି ବି୧୨ର ଅଂଶ ଭାବେ ବିବେଚନା କରାଯାଏ



ଅଣ୍ଡା ପ୍ରାଚୀନ କାଳରୁ ଖାଦ୍ୟର ଏକ ଅଂଶ ହୋଇଆସିଛି । ଏହା ଶିଶୁଙ୍କ ପୁଷ୍ଟିକର ଆବଶ୍ୟକତା ପୂରଣ କରିବାରେ ଏକ ମୂଲ୍ୟବାନ ଅବଦାନ ଅଟେ। ଅଣ୍ଡାରେ ୧୭ଟି ବିଭିନ୍ନ ଭିଟାମିନ୍ ଏବଂ ଖଣିଜ ପଦାର୍ଥ ସହିତ ପୁଷ୍ଟିକର ତତ୍ତ୍ୱ ରହିଥାଏ । ଅଣ୍ଡା କେବଳ ପ୍ରାତଃଭୋଜନର ଏକ ମୁଖ୍ୟ ଖାଦ୍ୟ ନୁହେଁ , ବରଂ ପୁଷ୍ଟିକର ପଦାର୍ଥର ମଧ୍ୟ ଏକ ଭଣ୍ଡାର। ବଢୁଥିବା ପିଲାଙ୍କ ପାଇଁ ଯେଉଁ ପୋଷକ ତତ୍ତ୍ୱ ଆବଶ୍ୟକ ହୋଇଥାଏ ତାହା ଅଣ୍ଡାରୁ ସହଜରେ ମିଳିଥାଏ । ଏହି କାରଣରୁ ଡାକ୍ତର ଏବଂ ବିଶେଷଜ୍ଞମାନେ ସବୁବେଳେ ପିଲାମାନଙ୍କ ଖାଦ୍ୟରେ ଅଣ୍ଡାକୁ ଖାଇବାକୁ କହିଥାଆନ୍ତି । ଏଗୁଡ଼ିକ ସେମାନଙ୍କ ମସ୍ତିଷ୍କ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଅଣ୍ଡା କୋଲାଇନ୍‌ର ସର୍ବୋତ୍ତମ ଉତ୍ସ ଅଟେ। ଏହି ପୁଷ୍ଟିକର ପୋଷକ ତତ୍ତ୍ୱ ଶରୀରକୁ ଆସିଟେଲକୋଲାଇନ୍ ତିଆରି କରିବାରେ ସାହାଯ୍ୟ କରେ। ଏହା ମସ୍ତିଷ୍କ ରାସାୟନିକ ପଦାର୍ଥ ଅଟେ। କୋଲାଇନ୍ ଶିଶୁଙ୍କ ଶରୀରରେ ନୂତନ ନ୍ୟୁରୋଟ୍ରାନ୍ସମିଟର ଗଠନ କରିବାରେ ମଧ ସାହାଯ୍ୟ କରିଥାଏ। ଯାହା ଶିଶୁଙ୍କ ବୌଦ୍ଧିକ ଶକ୍ତିକୁ ବଢାଇଥାଏ । ଲୁଟିନ୍ ଏବଂ ଜିଆକ୍ସାନ୍ଥିନ ଅଣ୍ଡାରେ ଲୁଟିନ୍ ଏବଂ ଜିଆକ୍ସାନ୍ଥିନ ରହିଥାଏ। ଯାହା ଶିଶୁଙ୍କ ଆଖିକୁ ସୁରକ୍ଷା ଦେବାସହ, କ୍ଷତିକାରକ ନୀଳ ଆଲୋକରୁ ରକ୍ଷା କରିଥାଏ। ଏକ ଗବେଷଣାରୁ ଜଣାପଡିଛି ଯେ, ଲ୍ୟୁଟିନ୍ ଏବଂ ଜିଆକ୍ସାନ୍ଥିନର ଅଧିକ ସେବନ ବୟସ୍କମାନଙ୍କ ମଧ୍ୟରେ ସ୍ମୃତି ଶକ୍ତି ସମସ୍ୟା ଦୂର କରିଥାଏ। ଏହି ପୋଷକ ତତ୍ତ୍ୱଗୁଡ଼ିକ ଯୁବବର୍ଗଙ୍କ ମସ୍ତିଷ୍କ କାର୍ଯ୍ୟଦକ୍ଷତାକୁ ମଧ ବିକଶିତ କରିଥାଏ ।

ପ୍ରୋଟିନ୍ : ଅଣ୍ଡାରେ ଥିବା ଉଚ୍ଚମାନର ପ୍ରୋଟିନ୍ ଶିଶୁଙ୍କ ମାଂସପେଶୀ ଏବଂ ହାଡ଼ ବିକାଶଠାରୁ ଆରମ୍ଭ କରି ଜ୍ଞାନାତ୍ମକ କାର୍ଯ୍ୟକୁ ବିକଶିତ କରେ। ଯେଉଁ ପିଲାମାନେ ଅଣ୍ଡା ଯୁକ୍ତ ଜଳଖିଆ ଭଳି ଅଧିକ ପ୍ରୋଟିନ୍ ଯୁକ୍ତ ଜଳଖିଆ ଖାଆନ୍ତି, ସେମାନେ ଅଧିକ ସମୟ ପାଇଁ ପେଟ ପୁରିଲା ଭଳି ଅନୁଭବ କରିପାରନ୍ତି।

ଭିଟାମିନ୍ ବି୧୨: ଅଣ୍ଡାକୁ ଇ୧୨ର ଏକ ଭଲ ଉତ୍ସ ଭାବରେ ବିବେଚନା କରାଯାଏ । ଏହା ଦୈନନ୍ଦିନ ଜୀବନର ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିଥାଏ। ଦୁଇଟି ଅଣ୍ଡା ଶରୀରକୁ ୪୬ ପ୍ରତିଶତ ପର୍ଯ୍ୟନ୍ତ ଭିଟାମିନ୍ ଇ୧୨ ଯୋଗାଇଥାଏ।

# ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ: ତେଣୁ ଏବେଠୁ ସାବଧାନ

**ପୁରୁଷ ଓ ମହିଳାଙ୍କ ଶରୀର ଅନେକ କ୍ଷେତ୍ରରେ ଅଲଗା, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଭିନ୍ନ ହୋଇପାରେ। ରୋଗ ଯେତେ ଦୂର, ଏହି ଉଭୟ ଲିଙ୍ଗଙ୍କୁ ନିଜ ନିଜ ଉପାୟରେ ସତର୍କ ରହିବାକୁ ପଡିବ ନଚେତ୍ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହୋଇପାରେ। ତଥାପି, କେତେକ ରୋଗ ଏପରି ଯେ ପୁରୁଷଙ୍କ ଅପେକ୍ଷା ପୁରୁଷମାନେ ଅଧିକ ପ୍ରଭାବିତ ହୁଅନ୍ତି। ଆସନ୍ତୁ ଆଜି ସେଗୁଡ଼ିକ ଉପରେ ନଜର ପକାଇବା।**

ଉଦାସୀନତା: ସାଧାରଣତଃ ବିଶ୍ୱାସ କରାଯାଏ ଯେ ମହିଳାମାନେ ଭାବପ୍ରବଣ ଅଟନ୍ତି, କିନ୍ତୁ ଉଦାସୀନତାର ସମସ୍ୟା ସେମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକ ଦେଖାଯାଏ। ଏହାର କାରଣ ହେଉଛି ମହିଳାମାନେ ସେମାନଙ୍କର ସମସ୍ୟାକୁ ଅଧିକ ପ୍ରକାଶ କରୁଥିବାବେଳେ ପୁରୁଷମାନେ ସେମାନଙ୍କର ଭାବନାକୁ ଲୁଚାନ୍ତି, ଯେଉଁଥିପାଇଁ ସେମାନେ ଭିତରକୁ ଚାପି ହୋଇଯାଆନ୍ତି। ଏହା ଭଲ ଯେ ଯେତେବେଳେ ବି ତୁମେ ବିରକ୍ତ ହୁଅ, ତେବେ ନିଶ୍ଚିତ ଭାବରେ ତୁମର ଘନିଷ୍ଠ ବ୍ୟକ୍ତିଙ୍କ ସହିତ ଏହି ବିଷୟ ସେୟାର କରନ୍ତୁ, ଏହା ଟେନସନ ଏବଂ ଚାପକୁ ଦୂର କରିପାରିବ।



ହୃଦ୍ ?ରୋଗ: ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକାଂଶ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ଅଧିକ ଥାଏ, କାରଣ ପୁରୁଷମାନେ ଅଧିକ କୋଲେଷ୍ଟ୍ରଲ୍ ସ୍ତର ଦ୍ୱାରା ଅଧିକ ଅସୁବିଧାରେ ପଡ଼ନ୍ତି, ତେଣୁ ସମୟ ସମୟରେ ଆପଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ।

ମଧୁମେହ: ପୁରୁଷଙ୍କ ତୁଳନାରେ ପୁରୁଷମାନେ ଅଧିକ ତେଲିଆ ଜିନିଷ ଖାଇଥା’ନ୍ତି, ଯେଉଁ କାରଣରୁ ସେମାନଙ୍କର କୋଲେଷ୍ଟ୍ରଲ ସ୍ତର ବଢିଯାଏ ଯାହା ପରେ ମଧୁମେହର କାରଣ ହୋଇଯାଏ। ସେଥିପାଇଁ ଏହା ଜରୁରୀ ଯେ ଆପଣ କେବଳ ସୁସ୍ଥ ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ଭାବରେ ରକ୍ତରେ ଶର୍କରା ସ୍ତର ଯାଞ୍ଚ କରନ୍ତୁ।

ଯକୃତ ରୋଗ: ଯଦି ଆପଣ ଏହାକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ମଦ୍ୟପାନର ନିଶା ଅଧିକ ଦେଖାଯାଏ, ଯେଉଁଥିପାଇଁ ସେମାନଙ୍କର ଯକୃତ ଅଧିକ ପ୍ରଭାବିତ ହୁଏ ଏବଂ ଏହି ଅଙ୍ଗ ସମ୍ବନ୍ଧୀୟ ରୋଗର ଆଶଙ୍କା ବଢିଯାଏ।

ଫୁସଫୁସ ରୋଗ: ପ୍ରାୟତଃ ଆପଣ ନିଶ୍ଚିତ ଭାବରେ ଦେଖିଥିବେ ଯେ ପୁରୁଷମାନେ ମହିଳାଙ୍କ ଅପେକ୍ଷା ଅଧିକ ଧୂମପାନ କରନ୍ତି ଏବଂ ଘରୁ ବାହାରକୁ ଯିବା କାରଣରୁ ସେମାନେ ଧୂଳି ଏବଂ ପ୍ରଦୂଷଣର ଶିକାର ହୁଅନ୍ତି, ଏପରି ପରିସ୍ଥିତିରେ ପୁରୁଷମାନେ ମଧ ଫୁସଫୁସ ରୋଗରେ ଆକ୍ରାନ୍ତ ହୁଅନ୍ତି।

# ସବୁକଥା ବନ୍ଧୁଙ୍କୁ କହିବେନି



ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ। ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି। ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ। ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ। କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ’ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ। ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ। କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ। ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା’ କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ।

# ରାତିରେ କ୍ଷୀର ବଦଳରେ ପିଅନ୍ତୁ ଏହି ଡ୍ରିଙ୍କ୍: ଶୀଘ୍ର ହ୍ରାସ ପାଇବ ଓଜନ



ଗ୍ରୀନ୍ ଟି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଓଜନ ହ୍ରାସ କରିବାରେ ଏହା ବହୁତ ଉପଯୋଗୀ । ଯଦି କାହାରି ଓଜନ ବଢ଼ିଯାଉଛି, ତେବେ ସେମାନେ ଗ୍ରୀନ୍ ଟି ସେବନ କରିପାରିବେ । ଗ୍ରୀନ୍ ଟି ପିଇବା ଦ୍ୱାରା ଓଜନ ନିୟନ୍ତ୍ରଣ ହୋଇଥାଏ । ଯଦି ଗ୍ରୀନ୍ ଟି ସଠିକ୍ ଭାବରେ ବ୍ୟବହୃତ ହୁଏ, ଓଜନ ହ୍ରାସ କରିବାରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ହୁଏ । ଏହାର ପ୍ରତିକାର ପାଇଁ ସଠିକ୍ ଉପାୟ ବିଷୟରେ ଆସନ୍ତୁ ଜାଣିବା...



କେବେ ଗ୍ରୀନ୍ ଟି ପିଇବା ଉଚିତ୍ :

ଗ୍ରୀନ୍ ଟି’ର ଉପଯୁକ୍ତ ଲାଭ ପାଇବାକୁ ହେଲେ ରାତିରେ ଏହାର ସେବନ କରିବା ଉଚିତ୍ । ରାତ୍ରୀ ଭୋଜନ ପରେ ଗ୍ରୀନ୍ ଟି ପିଇବା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ରାତ୍ରି ଭୋଜନ କରିବାର ପ୍ରାୟ ୧ ରୁ ୧.୫ ଘଣ୍ଟା ପରେ ଏହାକୁ ପିଅନ୍ତୁ । ଏହା ପରେ କିଛି ଖାଇବା ଉଚିତ୍ ନୁହେଁ । ଏହାର ନିୟମିତ ବ୍ୟବହାର ଆପଣଙ୍କୁ ଓଜନ ହ୍ରାସ କରିବାରେ ସାହାଯ୍ୟ କରିବ ।

ଗ୍ରୀନ୍ ଟି ତିଆରି କରିବା ପାଇଁ ଏକ କପ୍ ପାଣିକୁ ସସପେନରେ ପୂରାଇ ଫୁଟାନ୍ତୁ । ଏହାପରେ ଫୁଟୁଥିବା ପାଣିରେ ପାଉଡର କିମ୍ବା ଗ୍ରୀନ୍ ଟି ପତ୍ର ମିଶାନ୍ତୁ । ଏହାକୁ ପ୍ରାୟ ୩ରୁ ୪ ମିନିଟ୍ ଫୁଟାଇବା ପରେ ଗ୍ୟାସ୍ ବନ୍ଦ କରନ୍ତୁ । ବର୍ତ୍ତମାନ ଏହି ଟି’କୁ ଛାଣି ଦିଅନ୍ତୁ । ରାତ୍ରୀ ଭୋଜନ ପରେ ଆପଣ ଏହାକୁ ବ୍ୟବହାର କରିପାରିବେ ।

ଗ୍ରୀନ୍ ଟି କିପରି କାମ କରେ ?

କଫିନ୍ ଏବଂ କ୍ୟାଟେଚିନ୍ ନାମକ ଉପାଦାନ ଗ୍ରୀନ୍ ଟିରେ ମିଳିଥାଏ, ଯାହା ମେଟାବୋଲିଜିମ୍ କୁ ବୁଷ୍ଟ କରିଥାଏ । ଯାହା ଆପଣଙ୍କ ଚର୍ବି କମାଇବାରେ ସାହାଯ୍ୟ କରେ । ଗ୍ରୀନ୍ ଟି’ରୁ ଓଜନ ହ୍ରାସ କରେ ପାଇବା ସହ ଶରୀରର ମାସ ଇଣ୍ଡେକ୍ସ ମଧ୍ୟ ହ୍ରାସ ପାଏ । ଏହା ଶରୀରର ଶକ୍ତି ମଧ୍ୟ ବଢ଼ାଇଥାଏ

# ସକାଳୁ ସକାଳୁ ଭୁଲରେ କରନ୍ତୁନି ୩ଟି କାମ : କଲେ ଦିନସାରା ଗ୍ୟାସ୍ ସମସ୍ୟାରେ ଘାଣ୍ଟିହେବେ

ସକାଳ ସମୟ ହିଁ ଆପଣଙ୍କ ପୂରା ଦିନ ପାଇଁ ଫୂର୍ତ୍ତି ଏବଂ ମୁଡ୍ ସେଟ୍ କରିଥାଏ । ହେଲେ ଏ ସକାଳ ଟା ଯଦି ଖରାପ ଯାଏ ତାହେଲେ ପୂରା ଦିନ ଖରାପ ହୋଇଯିବ । ଆପଣଙ୍କ ସକାଳର ଅଭ୍ୟାସ ଉପରେ ଆପଣଙ୍କର ଦିନଟା ନିର୍ଭର କରେ । ଅନେକ ସମୟରେ ଜାଣତରେ ହେଉ ବା ଅଜାଣତରେ ଆମେ ଏପରି କିଛି କରୁ ଯାହା ଦିନଟା ଖରାପ କରିଦିଏ । ହେଲଥ କୋଚ୍ ଉର୍ବଶୀ ଅଗ୍ରୱାଲଙ୍କ କହିବା ଅନୁସାରେ, ସକାଳର ୩ଟି ଅଭ୍ୟାସ ପୂରା ଦିନ ଉପରେ ପ୍ରଭାବ ପକାଏ ।

ସକାଳ ଖରା : ଆଜିକା ଦିନରେ ଦେଖିବାକୁ ମିଳୁଛି ଅନେକ ରାତିରେ ଡେରିରେ ଶୋଇବା ସହ ସକାରେ ଡେରିରେ ଉଠୁଛନ୍ତି । ଆଉ ଯଦି ବି ଶୀଘ୍ର ଉଠୁଛନ୍ତି, ମୋବାଇଲରେ ଲାଗିଯାଉଛନ୍ତି , ଚ୍ୟାଟ୍ କରିବା ,ମେସେଜ୍ ଚେକ୍ କରିବାରେ ସମୟ ଚାଲିଯାଉଛି । ସକାଳର ଖରା ସେମାନଙ୍କ ପାଇଁ ଅଦୃଶ୍ୟ ହୋଇ ରହିଯାଉଛି । ଜାଣି ରଖନ୍ତୁ ସକାଳର ଖରାରେ ମାତ୍ର ୫ରୁ ୧୦- ମିନିଟ ବସିବା ବା ଚାଲିବା ଦ୍ୱାରା ଶରୀରରେ ହାପିତ ହଂର୍ମୋନ୍ସ କୁହାଯାଉଥିବା ସେରୋଟୋନିନ୍ ହରମୋନ୍ କ୍ଷରଣ ହୁଏ । ଏହା ମଣିଷର ମୁଡକୁ ଖୁସି ରଖେ । କିନ୍ତୁ ସକାଳ ସମୟ ବାହାରକୁ ନବାହାରି ଘର ଭିତରେ ସମୟ କାଟିଦେବା ଦ୍ୱାରା ଶରୀର ଦୁର୍ବଳ ଅନୁଭବ କରେ , ଦିନସାରା ଅଳସୁଆ ଲାଗେ । ତେଣୁ ସକାଳୁ ଖରାରେ ବସିବାକୁ ଆଦୌ ଭୁଲନ୍ତୁନି ।

ଖାଲିପେଟରେ ଚା’ , କଫି : ଅନେକ ସକାଳୁ ଉଠୁ ଉଠୁ ମୁହଁ ଧୋଇଦେଇ କପେ ଚା ନହେଲେ କଫି ପିଇବାକୁ ପସନ୍ଦ କରନ୍ତି । ହେଲେ ଖାଲି ପେଟରେ ଚା’ କିମ୍ବା କଫି ପିଇବା ଦ୍ୱାରା ପେଟରେ ଗ୍ୟାସ ସୃଷ୍ଟି ହେବା ସହ ଜ୍ୱଳନ ଅନୁଭୂତ ହୁଏ । ବାରମ୍ବାର ଖଟାଳିଆ ହାକୁଟି ଆସେ । ପେଟ ଫୁଲିଗଲା ପରି ଲାଗିବ । ପୂରା ଦିନ ଆପଣଙ୍କ ଏସିଡିଟି ସମସ୍ୟାରେ ଘାଣ୍ଟି ହେବାକୁ ପଡ଼ିପାରେ । ତେଣୁ ସକାଳୁ ଖାଲିପେଟରେ ଏସିଡ୍ ସୃଷ୍ଟି କରୁଥିବା ଚା କିମ୍ବା କଫି ଆଦୌ ପିଅନ୍ତୁ ନାହିଁ ।



ସକାଳେ ବ୍ୟାୟାମର ଅଭାବ : ଅନେକ ସମୟ ଅଭାବର ଆଳ କରି ସକାଳେ ୱ୍କଆଉଟ ନକରି ସନ୍ଧ୍ୟାରେ ବା ରାତି ସମୟରେ କରିଥାନ୍ତି। ସକାଳେ ୱ୍କ କଲେ ଶରୀର ଆକ୍ଟିଭ ରହେ ହେଲେ ସନ୍ଧ୍ୟା ପରେ ୱ୍କଆଉଟ କଲେ ଶରୀର ଅଧିକ ଆକ୍ଟିଭ ରହିବା କାରଣରୁ ଆମଣଙ୍କୁ ଶୀଘ୍ର ନିଦ ହୋଇନପାରେ । ହର୍ମୋନ ଅସନ୍ତୁଳନ ଯୋଗୁଁ ପରଦିନ ଆପଣଙ୍କୁ ହାଲିଆ ତଥା ଦୁର୍ବଳ ଅନୁଭୂତ ହୁଏ । ତେଣୁ ସନ୍ଧ୍ୟା ବଦଳରେ ସକାଳ ସମୟରେ ୱ୍କ୍ ଆଉଟ କରିବାକୁ ଅଭ୍ୟାସରେ ପକାନ୍ତୁ । ସକାଳର ଛୋଟ ଛୋଟ ଅଭ୍ୟାସ ଆମକୁ ପୂରା ଦିନକୁ ପ୍ରଭାବିତ କରେ । ଉପରୋକ୍ତ ୩ଟି ଅଭ୍ୟାସକୁ ସୁଧାରି ପାରିଲେ ଗ୍ୟାସ୍, ଥକ୍କାପଣରୁ ମିଳିବା ସହ ପୂରା ଦିନ ଫୂର୍ତ୍ତିରେ କଟିବ ବୋଲି କହିଛନ୍ତି ଉର୍ବଶୀ ଅଗ୍ରୱାଲ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଶସ୍ତା ନିଶା, ମାତ୍ର ଜୀବନ ପାଇଁ ମହଙ୍ଗା

ଭାରତରେ ବିଡ଼ି କେବଳ ଏକ ଧୂମପାନ ସାମଗ୍ରୀ ନୁହେଁ, ବରଂ ଏହା ଏକ ବିଶାଳ ଅର୍ଥନୀତିର ମୂଳଦୁଆ, ଯାହା ଶ୍ରମିକ ଅଧିକାରର ଉଲ୍ଲଂଘନ, ନୀତିଗତ ତ୍ରୁଟି ଏବଂ ଗମ୍ଭୀର ସ୍ୱାସ୍ଥ୍ୟଗତ ବିପଦ ଉପରେ ନିର୍ଭର କରି ବଞ୍ଚିଛି। ଏହା ଶସ୍ତା ହୋଇଥିବାରୁ ସହଜରେ ଉପଲବ୍ଧ ଏବଂ ଅନେକ ସମୟରେ ଏହାର ଭୟାବହତାକୁ ଅଣଦେଖା କରାଯାଏ। ଏହି ସମସ୍ୟାର ବିଶ୍ଳେଷଣ କଲେ ଏହାର ଭୟାବହତା ସ୍ପଷ୍ଟ ହୋଇଥାଏ।

ଭାରତରେ ୨୬୭ ନିୟୁତରୁ ଅଧିକ ଲୋକ ତମାଖୁ ବ୍ୟବହାର କରନ୍ତି। ୨୦୧୬-୧୭ର ଗ୍ଲୋବାଲ ଆଡଲ୍ଟ ଟବାକୋ ସର୍ଭେ ଅନୁଯାୟୀ, ଦେଶର ୪୨.୪ ପ୍ରତିଶତ ପୁରୁଷ ଏବଂ ୧୪.୨ ପ୍ରତିଶତ ମହିଳା କୌଣସି ନା କୌଣସି ପ୍ରକାରର ତମାଖୁ ସେବନ କରନ୍ତି। ପାଶ୍ଚାତ୍ୟ ଦେଶମାନଙ୍କରେ ସିଗାରେଟ୍ ତମାଖୁ ବ୍ୟବହାରର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ, ଭାରତରେ ଏହାର ଚିତ୍ର ଭିନ୍ନ । ଏଠାରେ ଧୂଆଁବିହୀନ ତମାଖୁର ବ୍ୟବହାର ସର୍ବାଧିକ, ଏବଂ ତା'ପରେ ରହିଛି ବିଡ଼ି । ଗ୍ରାମାଞ୍ଚଳ ଓ ଅଣସଂଗଠିତ ବଜାରରେ ବିଡ଼ିର ପ୍ରାଧାନ୍ୟ ବେଶୀ ଏବଂ ଏହାର ବ୍ୟବହାର ସିଗାରେଟ୍ ତୁଳନାରେ ପ୍ରାୟ ଦୁଇଗୁଣ । ବିଡ଼ିର ମୂଲ୍ୟ ଏତେ କମ୍ ଯେ ମାତ୍ର ଏକ ଟଙ୍କାରେ ଏକ ଛୋଟ ବଣ୍ଡଲ ମିଳିଯାଏ, ଯାହା ଏହାକୁ 'ଗରିବର ନିଶା' ଭାବରେ ପରିଚିତ କରାଇଛି।

ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ବିଡ଼ି ସିଗାରେଟ୍ ଠାରୁ ମଧ ଅଧିକ ହାନିକାରକ। ବିଡ଼ିରେ ତମାଖୁ ଅପେକ୍ଷାକୃତ ଢିଲା ଭାବରେ ଗୁଡ଼ାଯାଇଥିବାରୁ, ଏହାକୁ ଟାଣିବା ପାଇଁ ଅଧିକ ଶକ୍ତି ପ୍ରୟୋଗ କରିବାକୁ ପଡ଼େ । ଫଳରେ ଏହା ଅଧିକ ନିକୋଟିନ୍, ଟାର୍ ଏବଂ କାର୍ବନ ମୋନୋକ୍ସାଇଡ୍ ଶରୀରକୁ ପଠାଇଥାଏ, ଯାହା କର୍କଟ ରୋଗର ଆଶଙ୍କା ବଢ଼ାଇଥାଏ । ବିଶେଷଜ୍ଞଙ୍କ ମତରେ, ବିଡ଼ି ଟାଣୁଥିବା ବ୍ୟକ୍ତିଙ୍କଠାରେ ମୁଖ ଗହ୍ୱର କର୍କଟ ହେବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ୩.୧ ଗୁଣ ଅଧିକ ଏବଂ ଫୁସଫୁସ କର୍କଟର ଆଶଙ୍କା ୪.୬ ଗୁଣ ଅଧିକ ।ଏହା କେବଳ ଗ୍ରାମାଞ୍ଚଳର ସମସ୍ୟା ହୋଇ ରହିନାହିଁ, ବରଂ ସହରାଞ୍ଚଳରେ ମଧ ଏହାର ବ୍ୟବହାର ବୃଦ୍ଧି ପାଇଛି, ଯାହା ସଚେତନତାର ଅଭାବକୁ ସୂଚାଉଛି ।

ଏତେସବୁ ସ୍ୱାସ୍ଥ୍ୟଗତ ବିପଦ ସତ୍ତ୍ୱେ ବିଡ଼ି ଶିଳ୍ପ ସରକାରୀ ନିୟମରୁ ବହୁତ ପରିମାଣରେ ମୁକ୍ତ । ଭାରତରେ ତମାଖୁ ନିୟନ୍ତ୍ରଣ ପାଇଁ 'ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଅଧିନିୟମ, ୨୦୦୩' (COTPA) ରହିଛି, କିନ୍ତୁ ବିଡ଼ି କ୍ଷେତ୍ରରେ ଏହାର ପ୍ରୟୋଗ ଅତ୍ୟନ୍ତ ଦୁର୍ବଳ । ଏହି ଆଇନର ଧାରା ୬ ଅନୁଯାୟୀ ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ତମାଖୁ ବିକ୍ରି କରିବା ଏବଂ ଶିକ୍ଷାନୁଷ୍ଠାନ ନିକଟରେ ବିକ୍ରି କରିବା ନିଷେଧ । ସେହିପରି ଧାରା ୭ ଅନୁଯାୟୀ ପ୍ୟାକେଟ୍ ଉପରେ ସଚିତ୍ର ସ୍ୱାସ୍ଥ୍ୟ ସତର୍କତା ବାଧ୍ୟତାମୂଳକ । କିନ୍ତୁ ବିଡ଼ି ପ୍ରାୟତଃ ଖୋଲା ଭାବରେ ବିକ୍ରି ହେଉଥିବାରୁ ଏହି ନିୟମଗୁଡ଼ିକରୁ ସହଜରେ ଖସିଯାଏ।

ଏହି ଶିଳ୍ପର ଅନ୍ୟ ଏକ କଳା ଦିଗ ହେଉଛି ଏହା ସହ ଜଡ଼ିତ ଶ୍ରମିକମାନଙ୍କର ଦୁର୍ଦ୍ଦଶା । ଭାରତରେ ପ୍ରାୟ ପାଞ୍ଚ ନିୟୁତ ପଞ୍ଜୀକୃତ ବିଡ଼ି ଶ୍ରମିକ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା। ସେମାନଙ୍କୁ ଦିନକୁ ପ୍ରାୟ ୧,୦୦୦ ବିଡ଼ି ଗୁଡ଼ାଇବାକୁ ପଡ଼ିଥାଏ, ଯାହା ବଦଳରେ ସେମାନେ ମାତ୍ର ପ୍ରାୟ ୨୦୦ ଟଙ୍କା ପାଇଥାନ୍ତି । କୌଣସି ସୁରକ୍ଷା ଉପକରଣ, ଯେପରିକି ମାସ୍କ ବା ଗ୍ଲୋଭସ୍, ବିନା ସେମାନେ ତମାଖୁ ଗୁଣ୍ଡ ଓ ଧୂଳି ସଂସ୍ପର୍ଶରେ ଆସିଥାନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଥାଏ । ସରକାରୀ ଭାବେ ଶିଶୁ ଶ୍ରମିକ ନିୟୋଜନକୁ ଅସ୍ୱୀକାର କରାଯାଉଥିଲେ ମଧ, ଅନେକ ପରିବାରରେ ପିଲାମାନେ ସ୍କୁଲ ପରେ ପରିବାରକୁ ସାହାଯ୍ୟ କରିବା ପାଇଁ ବିଡ଼ି ଗୁଡ଼ାଇଥାନ୍ତି ।

ସରକାରୀ ନୀତିରେ ମଧ ଏକ ବଡ଼ ବିରୋଧାଭାସ ଦେଖିବାକୁ ମିଳେ । ଗୋଟିଏ ପଟେ ସରକାର ତମାଖୁ ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ରମ ଚଳାଉଛନ୍ତି, ଅନ୍ୟପଟେ ବିଡ଼ି ଶିଳ୍ପରୁ ରାଜସ୍ୱ ଆଦାୟ କରୁଛନ୍ତି । ବିଡ଼ି ଉତ୍ପାଦକମାନଙ୍କୁ 'କୁଟୀର ଶିଳ୍ପ'ର ମାନ୍ୟତା ଦେଇ ଟିକସରେ ଛାଡ଼ ଦିଆଯାଉଛି । ଏକ ଅଧ୍ୟୟନ ଅନୁଯାୟୀ, ଯଦି ଛୋଟ ଉତ୍ପାଦକମାନଙ୍କ ପାଇଁ ଥିବା ଟିକସ ଛାଡ଼କୁ ହଟାଇ ଦିଆଯାଏ, ତେବେ ବିଡ଼ି ବ୍ୟବହାର ୬ ପ୍ରତିଶତ କମିଯିବ, ୨.୨ ନିୟୁତ ଲୋକ ବିଡ଼ି ଟାଣିବା ଛାଡ଼ିଦେବେ ଏବଂ ସରକାରଙ୍କୁ ୧୪୮୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ମିଳିବ । ଏହା ସତ୍ତ୍ୱେ ଏହି ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉ ନାହିଁ । ତମାଖୁ ବ୍ୟବହାର ଯୋଗୁଁ ଭାରତରେ ବାର୍ଷିକ ପ୍ରାୟ ୧.୩ ନିୟୁତ ନୂଆ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି । ୨୦୧୮ର ଏକ ଅଧ୍ୟୟନ ଅନୁସାରେ, ତମାଖୁଜନିତ ରୋଗ ଓ ମୃତ୍ୟୁ କାରଣରୁ ଦେଶକୁ ବାର୍ଷିକ ୧.୭୭ ଲକ୍ଷ କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ପଡୁଛି, ଯାହା ତମାଖୁରୁ ମିଳୁଥିବା ଟିକସ ରାଜସ୍ୱଠାରୁ ବହୁତ ଅଧିକ । ସରକାରଙ୍କ ଦ୍ୱାରା ପରିଚାଳିତ 'ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ' (NTCP) ଅଧୀନରେ ତମାଖୁ ତ୍ୟାଗ କେନ୍ଦ୍ର (TCC) ସ୍ଥାପନ କରାଯାଇଛି । କିନ୍ତୁ ସମଗ୍ର ଦେଶରେ ମାତ୍ର ୬୦୦ଟି କେନ୍ଦ୍ର ରହିଛି, ଅର୍ଥାତ୍ ପ୍ରତି ଦୁଇ ନିୟୁତ ଲୋକଙ୍କ ପାଇଁ ମାତ୍ର ଗୋଟିଏ କେନ୍ଦ୍ର । ଏହା ସମୁଦ୍ରକୁ ଶଙ୍ଖେ ପରି। ଗ୍ରାମାଞ୍ଚଳରେ ଏହି ସୁବିଧାର ଘୋର ଅଭାବ ରହିଛି ।

ଯେ ପର୍ଯ୍ୟନ୍ତ ବିଡ଼ି ଶସ୍ତା ଓ ସହଜରେ ଉପଲବ୍ଧ ହେଉଥିବ, ସେ ପର୍ଯ୍ୟନ୍ତ ଏହାର ବ୍ୟବହାରକୁ ରୋକିବା କଷ୍ଟକର। ଏଥିପାଇଁ ଏକ ବହୁମୁଖୀ ରଣନୀତିର ଆବଶ୍ୟକତା ରହିଛି । ପ୍ରଥମତଃ, ବିଡ଼ି ଉପରେ ଟିକସ ବୃଦ୍ଧି କରାଯିବା ଉଚିତ୍, ଯାହାଦ୍ୱାରା ଏହାର ମୂଲ୍ୟ ବଢ଼ିବ ଏବଂ ବ୍ୟବହାର କମିବ । ଦ୍ୱିତୀୟତଃ, COTPA ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା ଦରକାର, ବିଶେଷକରି ଖୋଲା ବିଡ଼ି ବିକ୍ରି ଏବଂ ନାବାଳକମାନଙ୍କୁ ବିକ୍ରି ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯିବା ଆବଶ୍ୟକ। ତୃତୀୟତଃ, ବିଡ଼ି ଶ୍ରମିକମାନଙ୍କୁ ବିକଳ୍ପ ରୋଜଗାର ଯୋଗାଇ ଦେବା ପାଇଁ ସରକାରଙ୍କୁ ବ୍ୟାପକ ଯୋଜନା କରିବାକୁ ହେବ । ଚତୁର୍ଥତଃ, ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ ଯେପରି ଲୋକମାନେ ଏହାର ଭୟାବହ ପରିଣାମ ବିଷୟରେ ଜାଣିପାରିବେ । ଯଦି ଏହି ପଦକ୍ଷେପଗୁଡ଼ିକ ଶୀଘ୍ର ଓ ଦୃଢ଼ତାର ସହ ନିଆନଯାଏ, ତେବେ ଭାରତର 'ଶସ୍ତା ନିଶା' ଦେଶ ପାଇଁ ସବୁଠାରୁ ମହଙ୍ଗା ସାବ୍ୟସ୍ତ ହେବ ।

# ମଣ୍ଡଳ କମିଶନ: ଏକ ଦୃଷ୍ଟିପାତ



**ଅଧ୍ୟାପକ ଗୋପବନ୍ଧୁ**

୧୯୭୭ ମସିହାରେ କେନ୍ଦ୍ରରେ ଜନତା ପାର୍ଟି ସରକାର ଗଠିତ ହୁଏ। ଶ୍ରୀ ମୋରାରଜୀ ଦେଶାଇ ଦେଶର ପ୍ରଧାନମନ୍ତ୍ରୀ ବନନ୍ତି। ଏହା ଏକ ପ୍ରତିକ୍ରିୟାଶୀଳ ସରକାର ଥିଲା। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ଫଳ ସ୍ୱରୂପ ଏ ସରକାର କ୍ଷମତାକୁ ଆସିଥିଲା। ଭ୍ରଷ୍ଟାଚାର ହଟାଇବା ଓ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ଥାପନ ଏ ସରକାରର ମୁଖ୍ୟ ଆଭିମୁଖ୍ୟ ଥିଲା। ଏହା ସହିତ ସରକାରର ଏକ ବଡ ଅଂଶୀଦାର ସାମାଜିକ ପରିବର୍ତ୍ତନର ସମର୍ଥକ ଥିଲା। ଯେଉଁମାନେ ସମାଜବାଦୀ ବିଚାର ଧାରାର ଥିଲେ ଓ ସାମାଜିକ ବିକାଶ ପାଇଁ ସମାଜର ତଳ ସ୍ତରର ଜାତିମାନଙ୍କ ବିକାଶ ବିନା ସମାଜବାଦ ଅସମ୍ଭବ ବୋଲି ବୁଝୁଥିଲେ। ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ବିକାଶ ପାଇଁ ୧୯୫୫ ମସିହାରେ ରିପୋର୍ଟ ପ୍ରଦାନ କରିଥିବା କାକା କାଲେଲକର କମିଶନ ଓ ଏହାକୁ କାର୍ଯ୍ୟକାରୀ ନକରିବାର କ୍ଷୋଭ ସମାଜବାଦୀଙ୍କ ଭିତରେ ଥିଲା। ଏମାନଙ୍କ ବିଶ୍ୱାସ ଥିଲା ଯେ ସମାଜର ଏକ ବଡ ଅଂଶ ଦେଶର ବିକାଶରେ ଭାଗୀଦାର ହୋଇପାରୁ ନାହାଁନ୍ତି। ଯାହାର ପ୍ରଭାବ ମୋରାରଜୀ ଦେଶାଇଙ୍କ ସରକାରରେ ଅନୁଭୂତ ହୋଇଥିଲା।

ଜନତା ପାର୍ଟି ସରକାର ଅନ୍ୟାନ୍ୟ ପଛୁଆ ବର୍ଗ ଉପରେ ଅନୁଧ୍ୟାନ କରିବା ପାଇଁ ଦ୍ୱିତୀୟ କମିଶନ ବସାଇଥିଲେ ପ୍ରଥମ ଜାନୁଆରୀ ୧୯୭୯ ମସିହାରେ। ଏହାର ଅଧ୍ୟକ୍ଷ ଥିଲେ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ। ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନଭାବେ ଖ୍ୟାତ। ଏହି କମିଶନ ତାର ରିପୋର୍ଟ ୩୧ ଡିସେମ୍ବର ୧୯୮୦ ମସିହାରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲା। ଏହାର ବହୁ ପୂର୍ବରୁ ଜନତା ପାର୍ଟି ସରକାର ଭାଙ୍ଗିଯାଇ ଥିଲା ଓ ନୂଆ କଂଗ୍ରେସ ସରକାର ଆସି ଯାଇଥିଲା। ମଣ୍ଡଳ କମିଶନ ଏସଟି ଓ ଏସସି ବାଦେ ଅନ୍ୟାନ୍ୟ ସାମାଜିକ ଅନଗ୍ରସର ଜାତିମାନଙ୍କ ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାକୁ ଅନୁଧ୍ୟାନ କରିଥିଲା ଏବଂ ଏମାନଙ୍କ ଜାତି ତାଲିକା ପ୍ରସ୍ତୁତ କରିଥିଲା। କମିଶନ ସେ ସମୟରେ ୩୭୪୩ ଟି ଜାତିକୁ ଓବିସି ଭାବେ ଚିହ୍ନଟ କରିଥିଲା। ଏବେ ଏହା ବୃଦ୍ଧିପାଇ ୫୦୧୩ ଜାତିରେ ପହଞ୍ଚିଛି। ଓଡ଼ିଶାର ୧୯୭ ଟି ଜାତି ଏହାର ଅନ୍ତର୍ଗତ ଅଟେ। ଏବେ ଆଉ କିଛି ଜାତିକୁ ଏହାର ଅନ୍ତର୍ଭୁକ୍ତ କରିବା ପାଇଁ ସୁପାରୀଶ ହୋଇଛି। କମିଶନ ୧୯୩୧ ମସିହାର ଜାତିଭିତ୍ତିକ ଜନଗଣନାକୁ ଆଧାର କରି ଦେଶରେ ଶତକଡା ୫୨ ଭାଗ ଓବିସି ରହିଛନ୍ତି ବୋଲି ଉଲ୍ଲେଖ କରିଥିଲେ।

ମଣ୍ଡଳ କମିଶନ ତାଙ୍କ ସୁପାରୀଶରେ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଓବିସି ମାନଙ୍କ ପାଇଁ ଶତକଡ଼ା ୨୭ ଭାଗ ସଂରକ୍ଷଣ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ଶତକଡା ୫୨ ଭାଗ ଓବିସିଙ୍କ ପାଇଁ ଶତକଡା ୨୭ ଭାଗ ସଂରକ୍ଷଣ ସଂଖ୍ୟାନୁପାତିକ ନଥିଲା। ଏହାର କାରଣ କମିଶନ ସଂରକ୍ଷଣ ସୀମାକୁ ଶତକଡା ୫୦ ଭାଗ ମଧ୍ୟରେ ସୀମିତ ରଖିବାକୁ ଚାହିଁଥିଲେ। ସଂରକ୍ଷଣ ହାର ଅଧିକ ହୋଇଥିଲେ ଏହାକୁ ନ୍ୟାୟାଳୟ ନାକଚ କରିଦେବାର ସମ୍ଭାବନା ଥିଲା। ପୂର୍ବରୁ ଏସଟି ଓ ଏସସି ପାଇଁ ସଂରକ୍ଷଣ ୨୨.୫% ଥିଲା। ତେଣୁ ୫୦% ଭିତରେ ଅବଶିଷ୍ଟ ୨୭% ସଂରକ୍ଷଣ ଓବିସିଙ୍କୁ ପ୍ରଦାନ ପାଇଁ କମିଶନ ସୁପାରୀଶ କରିଥିଲା। କମିଶନ ରାଜନୈତିକ ସଂରକ୍ଷଣ ପାଇଁ ସୁପାରୀଶ କରିନଥିଲେ। ଓବିସି ଙ୍କ ବିକାଶ ପାଇଁ ଅନେକ ଗୁଡିଏ ପଦକ୍ଷେପ ଗ୍ରହଣ ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ। କମିଶନଙ୍କ ମୂଳ ଭାବନା ଥିଲା ଦେଶରେ ସାମାଜିକ ସମତା ପ୍ରତିଷ୍ଠା କରିବା ଓ ଜାତିଗତ ଆଧିପତ୍ୟକୁ ସମାପ୍ତ କରିବା।

ତତ୍ କାଳୀନ ସରକାର ମଣ୍ଡଳ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରିବାରେ ଆଗ୍ରହ ଦେଖାଇଲେ ନାହିଁ। କାଲେଲକର ରିପୋର୍ଟ ଭଳିଆ ଏହା ମଧ ଫାଇଲ ଭିତରେ ବନ୍ଧାହୋଇ ରହିଗଲା। ପୁଣି ଚାଲିଗଲା ଦଶବର୍ଷ। ୧୯୮୮ ମସିହାରେ ଗଢାହେଲା ନୂତନ ପାର୍ଟି ଜନତା ଦଳ। ଏହାର ନେତୃତ୍ୱରେ ପୁଣି ଅଣକଂଗ୍ରେସ ଓ ଅଣବିଜେପିଙ୍କୁ ନେଇ ଗଢା ହେଲା ନେସନାଲ ଫ୍ରଣ୍ଟ। ଏହା ତାର ନିର୍ବାଚନ ଇସ୍ତାହାରରେ ରଖିଲା ମଣ୍ଡଳ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି। ୧୯୮୯ ନିର୍ବାଚନରେ ଏହା ଏକକ ସଂଖ୍ୟାଗରିଷ୍ଠତା ହାସଲ କରିପାରିଲା ନାହିଁ। ତେଣୁ ବାମପନ୍ଥୀ ଓ ବିଜେପିର ସମର୍ଥନରେ ନେସନାଲ ଫ୍ରଣ୍ଟ ସରକାର ଗଠନ ହେଲା। ଶ୍ରୀଯୁକ୍ତ ବିଶ୍ୱନାଥ ପ୍ରତାପ ସିଂ ହେଲେ ଭାରତବର୍ଷର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ। ନିର୍ବାଚନୀ ଇସ୍ତାହାର ମୁତାବକ ସେ ୭ ଅଗଷ୍ଟ ୧୯୯୦ ମସିହାରେ ଘୋଷଣା କଲେ ମଣ୍ଡଳ କମିଶନ ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ। ଅର୍ଥାତ୍ ଚାକିରୀ କ୍ଷେତ୍ରରେ ଓବିସିଙ୍କୁ ୨୭% ସଂରକ୍ଷଣ ପ୍ରଦାନ ପାଇଁ। ତେଣୁ ଏହି ଦିନଟିକୁ ଦେଶରେ ଅନେକେ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରି ଆସୁଛନ୍ତି।

ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ନେଇ ପ୍ରତିବାଦର ସ୍ୱର ଉଠିଲା। ଅନେକାଂଶରେ ଏହା ବିରୋଧି ରାଜନୈତିକ ଦଳମାନଙ୍କ ପ୍ରାୟୋଜିତ ଥିଲା। ପଛରେ ଥାଇ ରାଜନୈତିକ ଦଳମାନେ ଇନ୍ଧନ ଯୋଗାଇଲେ। ପୋଡାଜଳା ଓ ଭଙ୍ଗାରୁଜା ଆରମ୍ଭ ହେଲା। ବିକ୍ଷୋଭ ଓ ଶୋଭାଯାତ୍ରାମାନ ଅନୁଷ୍ଠିତ ହେଲା। ଆନ୍ଦୋଳନକାରୀଙ୍କ ମଧ୍ୟରେ ଅନେକ ଛାତ୍ର ଓ ଯୁବକ ଥିଲେ ଯେଉଁମାନେ ଓବିସି ବର୍ଗର ଥିଲେ, ଯେଉଁମାନଙ୍କ ପାଇଁ ଏ ସଂରକ୍ଷଣ ଉଦ୍ଦିଷ୍ଟ ଥିଲା। କିଛି ନବୁଝି ଏମାନେ ବିରୋଧ ଆନ୍ଦୋଳନରେ ମାତିଯାଇ ଥିଲେ। ଅନେକ ସ୍ଥାନରେ ସପକ୍ଷରେ ମଧ ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ଅନ୍ୟପଟେ ବିଜେପିର ତୁଙ୍ଗ ନେତା ଶ୍ରୀଯୁକ୍ତ ଲାଲକୃଷ୍ଣ ଆଡଭାନୀ ରାମରଥ ଯାତ୍ରା ଆରମ୍ଭ କରନ୍ତି। ଏହାକୁ ନେଇ ଧାର୍ମିକ ଉତ୍ତେଜନା ଦେଖାଦିଏ। ଯେଉଁଆଡ଼େ ରଥ ଯାଏ ସେଆଡେ ଦଙ୍ଗାଫସାଦ ଆରମ୍ଭ ହୁଏ। ରଥଯାତ୍ରା ଆସି ବିହାରରେ ପହଁଞ୍ଚେ। ସେ ସମୟରେ ବହୁଚର୍ଚ୍ଚିତ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଲାଲୁପ୍ରସାଦ ଯାଦବ କ୍ଷମତାରେ ଥାଆନ୍ତି। ସେ ଶ୍ରୀଯୁକ୍ତ ଆଡଭାନୀଙ୍କୁ ଗିରଫ କରନ୍ତି। ବିଜେପି ଉତକ୍ଷିପ୍ତ ହୁଏ ଓ ସରକାରଙ୍କ ଠାରୁ ସମର୍ଥନ ପ୍ରତ୍ୟାହାର କରିନିଏ। ଭି ପି ସିଂ ଇସ୍ତଫା ଦିଅନ୍ତି। ସରକାରର ପତନ ହୁଏ। କିଛିଦିନ ରାଜନୈତିକ ଅସ୍ଥିରତା ଲାଗିରହେ।

ଅନ୍ୟପଟେ ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତାକୁ ନେଇ କୋର୍ଟରେ କେଶ୍ ଦାଏର୍ ହୁଏ। ଏହା ହଠାତ୍ କାର୍ଯ୍ୟକାରୀ ହୋଇପାରେ ନାହିଁ। ୧୯୯୨ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ରିପୋର୍ଟର କାର୍ଯ୍ୟକାରିତାକୁ ବୈଧ ବୋଲି ମୋହର ମାରନ୍ତି। ଏହାପରେ କେନ୍ଦ୍ରରେ ଓ ପର୍ଯ୍ୟାୟକ୍ରମେ ରାଜ୍ୟମାନଙ୍କରେ ଚାକିରୀ କ୍ଷେତ୍ରରେ ଓବିସି ମାନଙ୍କ ପାଇଁ ସଂରକ୍ଷଣ ଲାଗୁ ହୁଏ। ପୁଣି ୨୦୦୬ ମସିହାରେ କେନ୍ଦ୍ରର ତତ୍କାଳୀନ ମାନବସମ୍ବଳ ମନ୍ତ୍ରୀ ଶ୍ରୀଯୁକ୍ତ ଅର୍ଜୁନ ସିଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢିବା ପାଇଁ ୨୭% ସଂରକ୍ଷଣ ଓବିସି ମାନଙ୍କ ପାଇଁ ଲାଗୁ କରନ୍ତି। ଦେଶରେ ମଣ୍ଡଳ କମିଶନ ରିପୋର୍ଟର ପୂର୍ଣ୍ଣ କାର୍ଯ୍ୟକାରୀ ହୁଏ। ଅନେକ ରାଜ୍ୟ ପ୍ରାଦେଶିକ ସ୍ତରରେ ସେହି ଓବିସି ନାମରେ ସଂରକ୍ଷଣ ପ୍ରଦାନ କଲେ। ଓଡିଶା ସମେତ କେତେକ ରାଜ୍ୟ ମୂଳ ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ଏସଇବିସି ନାମରେ ସଂରକ୍ଷଣ ପ୍ରଦାନ କରୁଛନ୍ତି। ଅନେକ ରାଜ୍ୟ ଓବିସି ଙ୍କୁ ୨୭% ସଂରକ୍ଷଣ ଦେଇପାରୁ ନାହାଁନ୍ତି, ଯେହେତୁ ଏସଟି ଓ ଏସସି ସଂରକ୍ଷଣ ହାର ପୂର୍ବରୁ ଅଧିକ ଅଛି। ଯେଉଁପରି ଓଡିଶାରେ ଏମାନଙ୍କ ସଂରକ୍ଷଣ ହାର ଶତକଡା ୩୮.୭୫ ଭାଗ।

ମଣ୍ଡଳ କମିଶନ ରାଜନୈତିକ ସଂରକ୍ଷଣ ଉପରେ କୌଣସି ସୁପାରୀଶ କରିନଥିଲେବି ଏହାର ରାଜନୈତିକ ପ୍ରଭାବ ସୁଦୂର ପ୍ରସାରୀ ହୋଇଛି। ଏହା ଜାତୀୟ ତଥା ପ୍ରାଦେଶିକ ରାଜନୀତିକୁ ପ୍ରଭାବିତ କରିଆସିଛି। ଏହା ଦ୍ୱାରା ଓବିସି ମାନେ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପାଉଛନ୍ତି ସତ୍ୟ, ତେବେ ତାଠାରୁ ବଡ ବିଷୟ ପରିଲକ୍ଷିତ ହେଉଛି ଯେ ଓବିସି ମାନଙ୍କୁ ବହୁଳ ମାତ୍ରାରେ ଏହା ରାଜନୈତିକ ଭାବେ ସଚେତନ କରିଦେଇଛି। ବିଭିନ୍ନ ରାଜ୍ୟରେ ଏମାନଙ୍କ ରାଜନୈତିକ ନେତୃତ୍ୱ ତିଆରି ହୋଇଛି। ବିଭିନ୍ନ ଦଳରେ ଏମାନଙ୍କ ନେତୃତ୍ୱକୁ ସ୍ୱୀକାର କରାଯାଉଛି। ଏପରିକି ଭାରତବର୍ଷର ପ୍ରଧାନମନ୍ତ୍ରୀଙ୍କୁ ମଧ ଓବିସି ବୋଲି କହିବାରେ କେହି କୁଣ୍ଠିତ ହେଉନାହାଁନ୍ତି। ଏହି ବର୍ଗରୁ ଅନେକ ମୁଖ୍ୟମନ୍ତ୍ରୀ ଆସିଲେଣି। ରାଜନୀତିରେ ଏହି ବର୍ଗର ଉପେକ୍ଷା ଏବେ ଅସମ୍ଭବ ବୋଲି ପ୍ରତୀୟମାନ ହେଉଛି। ଓଡ଼ିଶାରେ ମଧ ଏପ୍ରକାର ଚେତନାର ପ୍ରସାର ଜରୁରୀ। ଏହା ରାଜ୍ୟର ଭାଗୀଦାରୀ ରାଜନୀତିକୁ ଆହୁରି ମଜଭୁତ କରିବ।

ଓବିସି ଙ୍କ ମଧ୍ୟରେ ରାଜନୈତିକ ଚେତନାର ବୃଦ୍ଧି ସୁସ୍ଥ ଗଣତନ୍ତ୍ର ପାଇଁ ଲାଭଦାୟକ। ଦିନେ ଏକ ବିରାଟ ଜନଗୋଷ୍ଠୀ ସମାନ ଅଧିକାରରୁ ବଞ୍ଚିତ ଥିଲା। ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତା କିଛିଟା ସନ୍ତୁଳନ ଆଣିବାରେ ସକ୍ଷମ ହୋଇଛି। ସମତାଭିତ୍ତିକ ସମାଜ ଗଠନ ଦିଗରେ ଆମେ କିଛିଟା ଆଗକୁ ବଢ଼ିଛୁ। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ତଙ୍କ ସମାନ ଭାଗୀଦାରକୁ ବିନା ପ୍ରତିବାଦରେ ଗ୍ରହଣ କରିନେବା ରାଷ୍ଟ୍ରୀୟ ଆଭିମୁଖ୍ୟ ହେଉ।

+ ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ସରକାରୀ ଗ୍ରାମ୍ୟ ଜଙ୍ଗଲର ଭବିଷ୍ୟତ

**ଶ୍ରୀଧର କୁମାର ରାଉଳ**

ଓଡ଼ିଶାରେ ଲୋକପ୍ରିୟ ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟବାସୀ ଅନେକ ବିକାଶକୁ ଦେଖୁଛନ୍ତି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପୂର୍ବୋଦୟ ବିକାଶର ପ୍ରାଥମିକ କେନ୍ଦ୍ର ଭାବେ ଗୁରୁତ୍ୱ ଦେଇଥିବାରୁ ଏହାର ସମ୍ଭାବନା ଅନେକ ବଢ଼ି ଯାଇଛି। ଓଡ଼ିଶାର ପ୍ରାକୃତିକ ସମ୍ପଦ ଭିତରେ ବ୍ୟାପକ ଜଙ୍ଗଲ, ବୃକ୍ଷରାଜୀ ହେଉଛି ଓଡ଼ିଶାର ଗର୍ବ ଓ ଗୌରବ। ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲ ପୁର୍ନର୍ଦ୍ଧାର ଓ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ସ୍ଥାନୀୟ ଅଞ୍ଚଳରେ ସବୁଜ ପରିବେଶ ସୃଷ୍ଟି କରିବାରେ ସମର୍ଥ ହେଉଛନ୍ତି। ତେବେ ଏକ୍ଷେତ୍ରରେ ଓଡ଼ିଶା ଏକ ପଛୁଆ ରାଜ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରେ ଅନେକ ଗ୍ରାମ୍ୟ ଜଙ୍ଗଲରେ ପ୍ରାକୃତିକ ଓ ଔଷଧୀୟ ଉଭିଦ ସବୁ ରହିଛି ଯାହାକି ଓଡ଼ିଶାବାସୀଙ୍କ ପାଇଁ ଅମୃତ ସଞ୍ଜିବନୀ ସଦୃଶ। ତେବେ ବଡ଼ ଦୁଃଖର କଥା କିଛି ଜଙ୍ଗଲ ମାଫିଆ ସରକାରୀ ଗ୍ରାମ୍ୟ ଜଙ୍ଗଲକୁ ଲୋପ କରିବାକୁ ବସିଲେଣି। କେବଳ ସେତିକି ନୁହେଁ ସରକାରଙ୍କ ରାଜସ୍ୱ ହାନି କରିବା ସହ ପରିବେଶ ଜନିତ ଅନେକ କ୍ଷୟକ୍ଷତି ମଧ କରୁଛନ୍ତି।

ଓଡ଼ିଶା ସରକାର ସରକାରୀ ଜମି ଜବରଦଖଲକାରୀଙ୍କୁ ନିବୃତ୍ତ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଓଡ଼ିଶା ଏପରି ଏକ ରାଜ୍ୟ ଯାହାର ପ୍ରାକୃତିକ ବିଭବ ଏକ ଅମୂଲ୍ୟ ସମ୍ପତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରେ ବିସ୍ତୀର୍ଣ୍ଣ ଜଙ୍ଗଲ ଓ ପ୍ରାକତିକ ଛୋଟ ଛୋଟ ସବୁଜିମା ବୃକ୍ଷରାଜି ଆମ୍ଭ ମାନଙ୍କୁ କେବଳ ଅକ୍ସିଜେନ ଯୋଗାଉ ନାହିଁ ବରଂ ଏହା ଅନେକ ପରିବାରର ରୋଜିରୋଟି ପାଇଁ ସମର୍ଥ ହେଉଛି। ତେବେ ଏହିପରି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅଭାବନୀୟ ଘଟଣା ପ୍ରଶାସନ ନଜରରେ ପଡ଼ିପାରୁନାହିଁ। କଟକ ସହରର ସନ୍ନିକଟରେ ରହିଛି କୟଳପଡ଼ା ଓ ପାଟଣା ସାହି ଯାହାକି ୱାର୍ଡ଼ ନଂ ଦୁଇ ଅନ୍ତର୍ଗତ। ଏହି ଅଞ୍ଚଳର ପ୍ରାକୃତିକ ସମ୍ବଳ କହିଲେ ପାଖାପାଖି ପଚାଶ ଏକରର ସରକାରୀ ଜମିରେ ରହିଛି ଗ୍ରାମ୍ୟ ଜଙ୍ଗଲ। ଏହି ଗ୍ରାମ୍ୟ ଜଙ୍ଗଲଟି ସରକାରଙ୍କ ବିଧିବଦ୍ଧ ପ୍ଲଟ ନଂ -ଆଠଶହ ଶୋହଳ, ଆଠଶହ ସତର ଓ ଆଠଶହ ପଅଁଷଠୀରେ ଅନ୍ତର୍ଭୁକ୍ତ ହୋଇଛି। ଏହି ଗ୍ରାମ୍ୟ ଜଙ୍ଗଲର ନିର୍ଦ୍ଦିଷ୍ଟ କିଛି ପ୍ଲଟ ପୁରୁଣା କଟକ ସମ୍ବଲପୁର ରାସ୍ତାର ଉତ୍ତର ଦିଗରେ ଅବସ୍ଥିତ। ଏହି ଗ୍ରାମ୍ୟ ଜଙ୍ଗଲରେ ରହିଛି ଅନେକ ଫଳନ୍ତି ଆମ୍ବଗଛ, ପଣସ ଗଛ, ଜଙ୍ଗଲିଆ ଗଛ ଓ ଔଷଧୀୟ ଗୁଣ ଥିବା ଦୁର୍ଲ୍ଲଭ ବୃକ୍ଷରାଜି। ସବୁଠାରୁ ବଡ଼ କଥା ହେଉଛି ଏହି ଗ୍ରାମ୍ୟ ଜଙ୍ଗଲ ଜମିରେ ପାଟଣା ସାହିର ବର୍ଷାଜଳ ନିଷ୍କାସିତ ହୋଇଥାଏ। ତେବେ ଦୁର୍ଭାଗ୍ୟର ବିଷୟ କିଛି ଜମି ମାଫିଆ ଗ୍ରାମର ସରକାରୀ ଜମି ଓ ଗ୍ରାମ୍ୟ ଜଙ୍ଗଲକୁ ହଡ଼ପ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏ ନେଇ ପୂର୍ବରୁ ସ୍ଥାନୀୟ ଟାଙ୍ଗୀ ଚୌଦ୍ୱାରର ତହସିଲଦାର ଓ ସରକାରଙ୍କ ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କୁ ମୌଖିକ ଭାବେ ଅଭିଯୋଗ କରି ଆସୁଛୁ। ତେବେ ଏ ସବୁ ସତ୍ତ୍ୱେ ଗତ ଡିସେମ୍ବର ଅଠେଇଶ ତାରିଖ ଦିନ ସିମିଳି ହାଣ୍ଡ ଗ୍ରାମର ଦିଲ୍ଲୀପ ନାୟକ ଗ୍ରାମ୍ୟ ଜଙ୍ଗଲରୁ ଅନେକ ଫଳନ୍ତି ଆମ୍ବଗଛ, ପଣସ ଗଛ ସହ ଦୁଷ୍ପ୍ରାପ୍ୟ ଔଷଧୀୟ ଗଛ ଗୁଡ଼ିକୁ କାଟି ନେଇ ଯାଇଛି। ବଜାରରେ ଯାହାର ମୂଲ୍ୟ ଲକ୍ଷାଧିକରୁ ଉର୍ଦ୍ଧ୍ୱ ହେବ। ତେବେ ଦୁର୍ଭାଗ୍ୟ ଜନକ ପ୍ରସଙ୍ଗ ହେଉଛି ଗଛ କାଟିବା ପରେ ପାଖାପାଖି କୋଡିଏ ଟ୍ରିପରୁ ଉର୍ଦ୍ଧ୍ୱ ହାଇୱା ପଥର କ୍ରସର ଗୁଣ୍ଡ ସେ ସ୍ଥାନରେ ପକାଇ ବର୍ଷାଜଳ ନିଷ୍କାସିତ ହେଉଥିବା ନାଳକୁ ପୋତି ଦେଇଛନ୍ତି। ଏ ପ୍ରସଙ୍ଗରେ ସ୍ଥାନୀୟ ଗ୍ରାମବାସୀ ଦେବେନ୍ଦ୍ର ରାଉଳ, ରାଜେନ୍ଦ୍ର ବେହେରା, ରଞ୍ଜୁ ପ୍ରଧାନ ଇତ୍ୟାଦି ଅନୁରୋଧ କରିବାରୁ ଅପରାଧି ଶ୍ରେଣୀର ଜମି ମାଫିଆ ଦିଲ୍ଲୀପ ନାୟକ ଦୁର୍ବ୍ୟବହାର କରିବା ସହ ହତ୍ୟା କରିବା ପାଇଁ ଗୋଡ଼ାଇବାରୁ ଆମ୍ଭେମାନେ ପ୍ରକାରାନ୍ତରେ ନୀରବ ରହିବା ପାଇଁ ବାଧ ହେଲୁ।



ବର୍ତ୍ତମାନ ବର୍ଷାଜଳ ନିଷ୍କାସନ ହେଉଥିବା ନାଳଟି ଅବରୋଧ ହୋଇଯାଇଥିବାରୁ ଜଳବନ୍ଦୀ ସମସ୍ୟା ଦେଖାଯିବା ସହ ପରିବେଶ ମଧ ପ୍ରଦୂଷଣ ହେଉଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗ୍ରାମ୍ୟ ଜଙ୍ଗଲକୁ ସର୍ବାଧିକ ସୁରକ୍ଷା ଦେବା ସହ ପରିବେଶ ପ୍ରଦୂଷଣ ଉପରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ତେଣୁ ସମ୍ପୃକ୍ତ ଅଞ୍ଚଳର ଧନଜୀବନ ବ୍ୟାହାତ ହେବା ସହ ଦିନକୁ ଦିନ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢୁଥିବାରୁ କିଛି ଦିନ ମଧ୍ୟରେ ଗ୍ରାମ୍ୟ ଜଙ୍ଗଲ ନିଶ୍ଚିନ୍ନ ହୋଇଯିବାର ଭୟ ରହିଛି। ସରକାର ବ୍ୟାପକ ବୃକ୍ଷ ରୋପଣ କରିବା ସହ ଲୋକମାନେ କିପରି ସବୁଜିମାକୁ ଭଲ ପାଇବେ ସେଥି ନିମିତ୍ତ ବ୍ୟାପକ ସଚେତନତା ସୃଷ୍ଟି କରୁଛନ୍ତି। କିନ୍ତୁ ଏକ୍ଷେତ୍ରରେ କିଛି ଅସାମାଜିକ ତତ୍ତ୍ୱଙ୍କ ଦୌରାତ୍ମ୍ୟ ସରକାରଙ୍କ ନିୟମକୁ ମାଡି ମକଚି ଦେଉଛନ୍ତି। ତେଣୁ କୟଳପଡ଼ା ଗ୍ରାମର ପାଟଣା ସାହି ଗ୍ରାମବାସୀ ବୃନ୍ଦ ସମୂହ ଭାବରେ ନିବେଦ କରୁଛନ୍ତି ଯେ ପ୍ରଶାସନ ତୁରନ୍ତ ନିରପେକ୍ଷ ତଦନ୍ତ କରିବା ସହ ଗ୍ରାମ୍ୟ ଜଙ୍ଗଲ କିପରି ସୁରକ୍ଷିତ ରହିବ ଏବଂ ଲୋକମାନେ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇବେ ସେ ଦିଗକୁ ଅନୁଧ୍ୟାନ ସହ ଲୋକମାନଙ୍କ ନିବେଦନକୁ ଗ୍ରହଣ କରିବା ପାଇଁ ସମୂହ ଅନୁରୋଧ।

+କୟଳପଡ଼ା, କଟକ,
ମୋ: ୮୩୩୮୩୬୬୧୦୪

## କବିତା କୋଣାର୍କ

### କିଛି ଦେଖିହୁଏ : କିଛି ଦେଖିହୁଏ ନାହିଁ

**ଜଗତ ବନ୍ଧୁ ଆଚାର୍ଯ୍ୟ**

ମୁଁ ତ' ନିଜକୁ ଭଲଭାବରେ
ଦେଖିନାହିଁ ଏଯାଏ,
ଦେଖିବି ପାରିବିନାହିଁ ।
ଯାହା ଦିଶିଯାଏ ଜଳ ଜଳ
ସାମ୍ନା ଭାଗ ମୋ' ଉଦାସ ମୁହୂର୍ତ୍ତ ।
କିନ୍ତୁ ମୋ ପଛରେ ଝୁଲି ରହିଥିବା
ମୋ' ପିଠି ପରି ଅଦୃଶ୍ୟ ଭାଗ୍ୟ ।
ମେଘ ସେପଟ ଗାଁ, ଭୂଇଁ
ସାଗର ସେପଟ ଦୀପ ଏବଂ
ହରେଇଥିବା ମୋ' ଶୈଶବର
ବିତିଥିବା ସୁଖର ଦିନର ଛାଇ ।
ଦେଖି ହୁଏନି ବୋଲିତ
ତୁମ କଥାକୁ ବିଶ୍ୱାସ କରିବାକୁ ହୁଏ
ଗଛ ମୂଳରେ ହାବୁଡେଇ ପଡ଼ିଥିବା
ଆବୁଡ଼ା ଖାବୁଡା ଶିଳାଖଣ୍ଡିଏ
ଶାଳଗ୍ରାମ ଠାକୁର ।
ପେଟ ଭିତରର ଅନ୍ତନାଡି ପରି
ଅଜସ୍ର ଅଦେଖା ଦୁଃଖ ଓ ଭୋକର
ଲହଡି ଭାଙ୍ଗୁଥିବା
ମୋ' ଅସମର୍ଥ ପୁରୁଷାକାର ।
ବନ୍ୟା ଜଳରେ ଭାସିଯାଉଥିବା
ମୋ' ଅରକ୍ଷଜୀବନର ପରିଣତି ।
କିଛି ଖାଲି ଆଖିରେ ଦେଖିହୁଏ
ପଢା ବହିର ଅକ୍ଷର,
ପୁଣି ଅଦୃଷ୍ଟ ଧୂଆଁ ଧାର ତଳେ
ଦେଖିହୁଏନାହିଁ,
ସମୟ ଓ ପ୍ରତାରଣାର ଦୀର୍ଘ ଶ୍ୱାସ ।
ବେତାଳ ପରି ପିଠିରେଓହଳି ଥିବା
ଅଜସ୍ର ପ୍ରଶ୍ନର ସହର ଏବଂ
ସାରାରାତି ଅବିଶ୍ରାନ୍ତ ହୋଇ
ରାସ୍ତା ଚାଲୁଥିବା ଅସହାୟ
ଜଣେ ବିକ୍ରମାଦିତ୍ୟର ଦୁଃଖ ।
ମୁଁ'କଣ ତାଠୁବି' ଅସହାୟ ?
ତାଠୁବି' ଅକର୍ମଣ୍ୟ ଶିଳା ଖଣ୍ଡେ
ଝୁଣ୍ଟିବା ଛଡା ଅନ୍ୟଗତି ନାହିଁ !
କିଛି ଦେଖିହୁଏ ପୁଣି,
କିଛି ଦେଖିହୁଏ ନାହିଁ ବୋଲି
ସେମାନଙ୍କ ଆଖିରେ ମୁଁ'ଅନ୍ଧ
ଅନଏକ ଧୃତରାଷ୍ଟ୍ର ।
ଭବିଷ୍ୟତ ପରି ଅତୀତ ଅଦୃଶ୍ୟ
କେବଳ କୋଳାହଳର
ହସ୍ତିନାପୁର ।
ଜ୍ୱାଳା ଓ ଜ୍ୱଳନର ଏକ ବନ୍ଦୀଘର ।

+ ବାରିପଦା

### ଘରଯୋଗ୍ୟା

**ରମେଶ ଚନ୍ଦ୍ର ସାହୁ**

ଶବ୍ଦଟିର ଅର୍ଥ
ଭଲ ରକମ ବୁଝିବା ଆଗରୁ
ତା ଗୋଡରେ ବାନ୍ଧି ଦିଆଗଲା
ଅଦୃଶ୍ୟ ଡୋର
ଆଜିଠୁ ବଦଳାଇବାକୁ ପଡିବ
ଚାଲି ଚାହାଣି ଆଚରଣ ଉଚ୍ଚାରଣ
ଶିଖି ବାକୁ ହେବ ସଣ୍ଢଣାଙ୍କ ଅ..ଆ..ଇ
ମୁଖସ୍ଥ କରିବାକୁ ହେବ
ସୂତ୍ର ଘରକରଣାର
ତୁଳସୀ ମୂଳେ ଦୀପ, ଓଁ କାର ।
ପାଠ ପଢ କି ଚାକିରି କରିବା
ବଡକଥା ନୁହେଁ
ଶିଖିବାକୁ ହେବ
ସୀତାଙ୍କ ପରି କେମିତି
ଛାତିକୁ କରିବ ପଥର,ଏଠି ଏକାଏକା
ବିଦୁଷୀ ଅହଲ୍ୟା ଦେଖିଲେ
ଇନ୍ଦ୍ରମାନେ ବି ଭୁଲନ୍ତି ଶିଷ୍ଟାଚାର
ବାଟ ବଣା କରନ୍ତି ରାବଣମାନେ
ଝିଅ ହେବା ଏକ ତପସ୍ୟା
ଝିଅ ହିଁ ସୃଷ୍ଟି ସ୍ଥିତି ପ୍ରଳୟର ଆଧାର ।
ଝିଅଲୋ...
ଏଠି ଝୁଣ୍ଟି ପଡିଲେ ଝାମ୍ପିନେବେ ଶାଗୁଣା
ଆହା ଶବ୍ଦ ଭିତରେ ବି ଲୁଚିଥାଏ
କାମନା ବାସନାର ଜୁଆର
ଦେଖି ଚାହିଁ ବାଟ ଚାଲିବୁ ଲୋ' ମା
ଥରେ ପାଦ ଖସିଗଲେ
ଆପଣାର ଜନେ
ପାଲଟି ଯିବେ ସାତପର
ଅଚାନକ ମୁହଁ ମୋଡିଦେବେ
ସାତ ଚିହ୍ନା ଦିଅଁ ମାନେ
ଅଟ୍ଟହାସ କରିବେ ଦଶ ଦିଗପାଳ
ଖଞ୍ଜିଦେବେ ନିର୍ଲିପ୍ତ ଅଗ୍ନି ପରୀକ୍ଷା
ସାକ୍ଷୀଥିବେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ସା/ପୋ- ରାସୋଳ
ଜିଲ୍ଲା - ଢେଙ୍କାନାଳ - ୭୫୯୦୨୧
ମୋ- ୯୪୩୮୪୧୮୪୯୨



ଧ୍ୱନି ପ୍ରତିଧ୍ୱନି
ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୩୧ ଜାନୁଆରୀ ୨୦୨୬



# କଳା ସୁନ୍ଦର ନା ଧଳା ସୁନ୍ଦର

## ପ୍ରଦ୍ୟୁମ୍ନ ପଟ୍ଟନାୟକ





ଚିଲିକା କୂଳରେ ଗାଆଁଟିଏ । ନାଆଁ ତା'ର ବର କୂଳ । ଗାଆଁର ଲୋକମାନଙ୍କ ଘର, ବିଲ ବାଡ଼ି ଠାରୁ ଅଳ୍ପ ଦୂରରେ ଲହଡ଼ି ମାରୁଥାଏ ଚିଲିକାର ନୀଳ ଜଳ । ଗାଆଁକୁ ଲାଗିଥିବା ଚିଲିକା କୂଳରେ ଥାଏ ତାଳ, ନଡ଼ିଆ, ଲିମ୍ବ, ଓସ୍ତ ଆଦି କେତେ ଗୁଡ଼ିଏ ବଡ଼ ବଡ଼ ଗଛ । ସେ ଗଛ ଗୁଡ଼ିକରେ ବସା ବାନ୍ଧି ରହୁଥାଆନ୍ତି ନାନା ଜାତିର ପକ୍ଷୀ । ସେମାନଙ୍କ ଭିତରୁ ବେଶୀ ଦେଖା ଯାଉଥାଆନ୍ତି କାଉ ଏବଂ ବଗ।

ବଗ ଗୁଡ଼ିକ ଦେଖିବାକୁ ସଫା ଧଳା । ତାଙ୍କ ସ୍ୱଭାବ ଚୁପ୍ ଚାପ୍ । ସେମାନେ ଧ୍ୟାନ ଦେଇ ଶିକାର ଉପରେ ଦୃଷ୍ଟି ରଖି ଥାଆନ୍ତି। କେବେ କେବେ କେତେ ଗୁଡ଼ିଏ ବଗ ଏକାଠି ବସିଥିବା ଦେଖି, କେହି ଦେଖଣାହାରୀଙ୍କୁ ଲାଗେ ଯେମିତି କିଛି ବିଦେଶୀ ଗୋରା ଲୋକ ବସି ନୀରବ ପ୍ରାର୍ଥନା କରୁଛନ୍ତି। ସେମିତି କଳା କାଉମାନେ ବି ଏକାଠି ବସିଥାନ୍ତି । କା କା ରାବ କରି ତାଙ୍କ ଭିତରେ କିଛି କଥା ବାର୍ତ୍ତା ହୁଅନ୍ତି। ତାଙ୍କୁ ଦେଖି ମନେ ହୁଏ କିଛି କଳା ଲୋକ ଏକାଠି ହୋଇ କଳି ତକରାଳ କରିବା ପରି।

କିଛି ସମୟ ପରେ ବଗ ଓ କାଉମାନେ ଆଖି ପାଉ ନଥିବା ଚିଲିକା ପାଣି ଉପରେ ଉଡ଼ି ବୁଲନ୍ତି । ଉଭୟ ପକ୍ଷୀ ହେଲେବି ବଗ ଏବଂ କାଉଙ୍କର ସ୍ୱଭାବ ଭିନ୍ନ । ବଗମାନେ କେବଳ ମାଛ ଖାଉଥିବା ବେଳେ କାଉ ଗୁଡ଼ିକ ଆମିଷ ନିରାମିଷ ସବୁ ଖାଦ୍ୟ ଖାଇ ଥାଆନ୍ତି । ପଚା ସଢ଼ା ଭଲ ମନ୍ଦ ବିଚାର ତାଙ୍କର ନଥାଏ। ବଗ ମାନେ ଚୁପ୍ ଚାପ୍ ମାଛ ଧରିବାକୁ ନିରେଖି ବସନ୍ତି । କାଉଙ୍କର କିନ୍ତୁ ଚଞ୍ଚଳ ପ୍ରକୃତି। ଦିନ ସାରା ରାଉ ରାଉ ହୋଇ ଏଠି ସେଠି ଉଡ଼ି ବୁଲନ୍ତି ।

ଦିନେ ବଗମାନେ ବସିଥିବା ଦେଖି କାଉମାନେ ବି ଆସି ତାଙ୍କ ନିକଟରେ ବସିଗଲେ । ଦୁଇ ଦଳଙ୍କ ମଧ୍ୟରେ ନିଜ ନିଜର ସ୍ୱଭାବକୁ ନେଇ ଝଗଡ଼ା ଆରମ୍ଭ ହୋଇଗଲା। ବଗମାନେ କହିଲେ ଆମେ ଚୁପଚାପ ପାଣି କୂଳରେ ବସିଥାଉ, ମାଛଟିଏ ନଜର ଆସିଲେ ତାକୁ ଧରି ଖାଉ। ଆମେ ଆକାଶରେ ଉଡ଼ି ଉଡ଼ି ବହୁତ ଦୂରକୁ ଚାଲି ଯାଉ । ଆମ ଚେହେରା ଧୋବ ଫର ଫର, ଆମକୁ ଦେଖି ଲୋକମାନେ ଖୁସୀ ହୁଅନ୍ତି । ତୁମେ କାଉମାନେ ଦେଖିବାକୁ କଳା। ସବୁ ଜିନିଷରେ ଥଣ୍ଟ ମାର ବୋଲି ଲୋକମାନେ ତୁମକୁ ଘଉଡାଇ ଦିଅନ୍ତି । ତୁମେ ସବୁ କା କା ରାବ କରିବାରୁ ମାଛ ମାନେ ହୁରୁଡ଼ି ପଳାଉଛନ୍ତି। ଆମକୁ ଧରା ଦେଉ ନାହାଁନ୍ତି ।

କାଉମାନେ କହିଲେ ଆମେ ଦିନରେ କେତେଥର ପାଣିରେ ବୁଡ଼ି ଗାଧାଉ ବୋଲି ଆମେ ତୁମ ଭଳି ଆଇଁଷିଆ ଗନ୍ଧାଉନା। ତୁମେ କେବଳ ପାଣିରୁ ଛାଣି ମାଛ ଖାଅ ସିନା ଆମ ଭଳି ସେ ପାଣିରେ ଗାଧାଅ ନାହିଁ । ଆମେ ଦୂର ଦୂରାନ୍ତରୁ ଲୋକଙ୍କ ବାରତା ଆଣୁ ବୋଲି ଲୋକଙ୍କ ବିଶ୍ୱାସ। ସେଥିପାଇଁ ସେମାନେ ଆମକୁ ଚାଉଳ, ଖୁଦ ଆଦି ଖାଇବାକୁ ଦିଅନ୍ତି । ଆହୁରି ଲୋକମାନେ ଭାବନ୍ତି ତାଙ୍କ ପୂର୍ବ ପୁରୁଷ ମାନେ ଶ୍ରାଦ୍ଧ ନେବାକୁ ଆମ ରୂପରେ ଆସି ଥାଆନ୍ତି।

କାଉ ଏବଂ ବଗମାନେ ଏମିତି କଳି ଲାଗୁଥିବା ଦେଖି ସେଠିକୁ ଢଳି ଢଳି ଗୋଟିଏ ବତକ ଆସିଲା। ତାଙ୍କୁ ଦେଖି କାଉ ଏବଂ ବଗ ଚୁପ ହୋଇଗଲେ। କାହିଁକି ଝଗଡ଼ା କରୁଥିଲ ପଚାରିବାରୁ ଦୁଇ ପକ୍ଷ କହିଲେ, ବତକ ନାନୀ ତୁମେ ତ ପାଣିରେ ଥାଅ। ଆମକୁ ଦେଖୁଥାଅ। ଆମ ଭିତରୁ କିଏ ସୁନ୍ଦର କହିଲ ?

କିଛି ସମୟ ଭାବି ବତକ କହିଲା, କାଉ ପରା କଳା କୃଷ୍ଣ। ତା ରଙ୍ଗ ଆମ ଜଗନ୍ନାଥ ମହାପ୍ରଭୁ ଭଳି କଳା। ସେମିତି ବଗ ବି ବଳରାମଙ୍କ ଭଳି ଧଳା। ଦୁହେଁ ଦୁଇ ଭାଇ। ଜଣେ ରାତି ଭଳି କଳା ହେଲେ ଆଉ ଜଣେ ଦିନ ଭଳି ଧଳା। ଦୁନିଆରେ କଳା ନଥିଲେ ଧଳାର ଏବଂ ଧଳା ନଥିଲେ କଳାର ଆଦର ରହନ୍ତା ନାହିଁ। ତେଣୁ ତୁମେ କଳା ଧଳା ଦୁଇ ଭାଇ। ଦୁହେଁ ସୁନ୍ଦର।

ବତକ ନାନୀ କଥାରେ କାଉ ଓ ବଗମାନେ ଖୁସୀ ହୋଇଗଲେ। ଆଉ ଝଗଡ଼ା କଲେ ନାହିଁ। ନିଜ ନିଜ ସାଥିମାନଙ୍କ ସହ ଆକାଶରେ ଉଡ଼ି ବୁଲିଲେ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬



# ଗୁରୁ

## ଭାଗ୍ୟବତୀ

ଗୁରୁ ପିତାମାତା ଗୁରୁ ମୋ ଦେବତା।
ଗୁରୁ ମୋ ଅଟନ୍ତି ସିଦ୍ଧି-ବୁଦ୍ଧି ଦାତା।

ଗୁରୁ ମୋ ଅଟନ୍ତି କରୁଣାବତାର।
ଗୁରୁ ମୋ ଅଟନ୍ତି ଜ୍ଞାନର ସାଗର।

ଗୁରୁ ଆଗମନେ ଅଜ୍ଞାନ ଅନ୍ଧାର।
ଗୁରୁଙ୍କୁ ଦେଖିଲେ କରଇ ଜୁହାର।

ଗୁରୁ ସମାହାର ଅନେକ ତେଜର ।
ଗୁରୁଙ୍କୁ ଦେଖିଲେ କର ନମସ୍କାର।

ଗୁରୁ ମୋ ଅଟନ୍ତି ଏପରି ମୃଦଙ୍ଗ ।
ବଜାଇଲେ ଶୁଭେ ଅନୁକ୍ରୋଶ ନାଦ।

ଗୁରୁ ମୋ ଅଟନ୍ତି ଏପରିକା ଜ୍ଞାନ।
ପଞ୍ଚତତ୍ତ୍ୱ ଯିଏ କରନ୍ତି ସମାନ।

ଗୁରୁ ମୋ ଦିଅନ୍ତି ଏପରିକା ଦୀକ୍ଷା।
ଉତ୍ତୀର୍ଣ୍ଣ ହୁଏ ମୁଁ ଜୀବନ ପରୀକ୍ଷା।

ଦୂର କରନ୍ତି ସେ ଆମରି ସଂଶୟ।
ତିଆରି କରନ୍ତି ଆମ ପରିଚୟ।

ଗୁରୁଙ୍କର ଋଣ ଭୁଲି ନ ପାରିବି।
ତାଙ୍କରି ସ୍ମରଣ ନିତି କରୁଥିବି ।

ଗୁରୁ ତ ସାକ୍ଷାତ ଈଶ୍ୱର ସମାନ।
ଗୁରୁ ପଦ ସେବି ଯାଉ ଏ ଜୀବନ ।

ପଞ୍ଚାୟତ ହିଙ୍ଗୁଳା ସରକାରୀ ଉଚ୍ଚ
ବିଦ୍ୟାଳୟ, ଅଣ୍ଡିଆ, ଯାଜପୁର
ମୋ - ୭୭୫୧୯୫୧୯୫୧

# କୁନୁମୁନି କୁନି ରଜା

## ଶରତ କୁମାର ଦାସ

ପାପୁନି ପାପୁନି ପାପୁ ପାପୁନିଆ
କୁନୁମୁନି କୁନି ରଜା,
କୁଟୁନି କୁଟୁନି କୁଟୁ କୁଟୁନିଆ
ବଜାରେ ବାଇଦ ବଜା ।

କି ଯାଦୁ ରହିଛି ତୋ ହସରେ ଲାଖି
କିଣିନିଏ ମନ ମୋର,
ଲାଗେନାହିଁ ଭଲ ସକାଳୁସକାଳୁ
ନଦେଖିଲେ ମୁହଁ ତୋର ।

ତୋ ଟିକି ହାତର ମଧୁର ପରଶ
କରେ ଆନମନା ମୋତେ,
ଯୁଆଡ଼େ ଗଲେ ବି ଲାଗେ ଅଛୁ ପାଖେ
କହୁଛି ସତ ମୁଁ ତୋତେ ।

ତୋ ଟିକି ଦେହରେ ମୋ ଦେହ ଲାଗିଲେ
ପାଏ ସରଗର ସୁଖ,
ଖୁସିର ଲହରୀ ଛୁଇଁଛୁଇଁ ଯାଏ
ଭୁଲିଯାଏ ଯେତେ ଦୁଃଖ।

କୁନିକୁନି ଆଖି ଯୋଡ଼ିକ ତୋହର
ଢଳଢ଼ଳ ନୀଳକଇଁ,
ଲାଗଇ ସେଥିରେ ସପନର ଦୋଳି
ଝୁଲୁଛି ତ ରହିରହି ।

ଥୁରୁଥୁରୁ ଟିକି ପାଦ ଦୁଇ ତୋର
ସତେକି କଅଁଳ ଲତା,
ସମୟ ସୁଅରେ ହେବଟି ଶକତ
ଚାଲିବୁ ତୁ ଟେକି ମଥା ।

ବିଭୁଙ୍କ ଆଶିଷ ଝରିପଡୁ ସଦା
ବାଟେ ତୋର ଫୁଲ ଫୁଟୁ,
ଯଶକୀରତିର ମିଠାମିଠା ବାସ
ମହମହ ହୋଇ ଛୁଟୁ ।

ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ,ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଛାଡି ଦେବା ନାହିଁ

## କୀର୍ତ୍ତନ ସାହୁ

ଛାଡି ଦେବା ନାହିଁ କାମଟି ଅଧାରୁ
ଅସୁବିଧା କିଛି ହେଲେ
କାମରେ ସଫଳ ହେବା ବୁଝିଶୁଝି
ଭଲ ଭାବେ ମନ ଦେଲେ ।

ଛାଡି ଦେବା ନାହିଁ ବାପା ମାଆ ସେବା
ଯେତେ ଦୁଃଖ କଷ୍ଟ ଆସୁ
ଆମରି ଯତନ ସେବା ବଳେ ତାଙ୍କ
ଅସନ୍ତୋଷ ଭାବ ନାଶୁ ।

ଛାଡି ଦେବା ନାହିଁ ସାଙ୍ଗ ହାତ କେବେ
ସୁଖରେ ଦୁଃଖରେ ପରା
ସାଙ୍ଗ ସହ ମିଳି କାମ କରିଗଲେ
ହସିବ ଆମରି ଧରା ।

ଛାଡି ଦେବା ନାହିଁ ଦୁଃଖୀ ରଙ୍କି ସେବା
କାମେ ତାଙ୍କ ଲାଗି ଯିବା
ମୁହଁରେ ଟିକିଏ ହସ ଭରି ଦେଇ
ପାଖେ ପାଖେ ଆମେ ଥିବା ।

ଭଲ କାମେ ସଦା ଜଡି ରହି ଥିବା
ଛାଡି ଦେବା ନାହିଁ କେବେ
ଭଲ ମନ ନେଇ ଆଗେଇବା ଯଦି
ସଫଳ ହୋଇବା ତେବେ ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଆମେ ସବୁ ବିଶ୍ୱବାସୀ

## ନୀଳମଣି ଚାନ୍ଦ

ନିଜଠାରୁ ବଡ଼ ପରିବାର
ସବୁଠାରୁ ଭଲ ଦେଶପାଇଁ ଯଦି
ଭଲକାମ କିଛି କରିପାର ।

ପରିବାର ଠାରୁ ବଡ଼ ଗାଆଁ
ତା ପାଇଁ କିଛିଟା ଭଲ କାମ କରି
ବଢେଇ ଦେବାରେ ଗାଆଁ ନାଆଁ।

ଗାଆଁ ଠାରୁ ବଡ଼ ନିଜ ଜିଲ୍ଲା
କିଏ ପଚାରିଲେ ଆସିଛ କେଉଁଠୁ
ଠିକ୍ କହିଦିଅ ଯେତେ ପିଲା ।

ତା'ଠାରୁ ବଡ଼ରେ ରାଜ୍ୟ ସିନା
ମୁଁ ଓଡ଼ିଆ ମୋ'ର ରାଜ୍ୟଟି ଓଡ଼ିଶା
ସେ ପରିଚୟରେ ମୁଁ ତ ଚିହ୍ନା।

ରାଜ୍ୟଠାରୁ ସଦା ଦେଶ ବଡ଼
ଜାଣୁ ସେ ଭାରତ ଆମେ ଭାରତୀୟ
ସୁନାର ଭାରତ ଗଢ଼ ଗଢ଼ ।

ଆମେ ସବୁ ପରା ବିଶ୍ୱବାସୀ
ଶ୍ରେଷ୍ଠ ଜୀବ ଭାବେ ଆମେ ହେଉ ଗଣା
ଧରାର ପୃଷ୍ଠକୁ ଆମେ ଆସି ।

+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ଅସରପା ମେଳି

## ରମେଶ ଚନ୍ଦ୍ର ଦାଶ



ଦିନେ ଅସରପାମାନେ ମେଳି ହୋଇ ଗୋଟିଏ ବଣଭୋଜି କରିବାକୁ ସ୍ଥିର କଲେ । ବୁଢ଼ା ଅସରପାକୁ ସମସ୍ତେ ନିଜ ନିଜର ଚାନ୍ଦା ଦେଲେ। ରୋଷେଇ ଘରେ ଥିବା ରେଫ୍ରିଜରେଟର ପଛପଟେ ସେମାନଙ୍କର ସ୍ଥାନ ସ୍ଥିର କରାଗଲା ବେଳେ ଚଗଲା ଚୁଇଁ ଅସରପା କହିଲା, "ମାଲିକାଣିର ବାସନ ରଖିବା ସ୍ଥାନ ପଛପଟେ ବଢ଼ିଆ ବଣ । ସେଠାରେ ଭୋଜି କଲେ ଭଲ ହେବ ।" ତା'ର ପ୍ରସ୍ତାବ ଶୁଣିବା ପରେ ବୁଢ଼ା ଅସରପା କହିଲା, "ମୁଁ ଆଜି ରାତିରେ ମାଲିକର ସବୁ ସ୍ଥାନ ବୁଲିବି । ଯେଉଁ ସ୍ଥାନଟି ବେଶୀ ଗହଳିଆ ଥିବ ସେଠାରେ ଭୋଜି କରିବା ।" ତାର କଥା ଅନୁସାରେ ସେଦିନ ସେ ରାତିସାରା ବୁଲିଲା ।

ମାଲିକ ମାଲିକାଣି ଶୋଉଥିବା ଖଟତଳେ ବି ପଶିଲା । ଦେଖିଲା ସ୍ଥାନଟି ସେମାନଙ୍କ ପାଇଁ ବହୁତ ଓସାରିଆ । ତାର ବର୍ଣ୍ଣନା ଶୁଣି ସମସ୍ତେ ସେହି ସ୍ଥାନରେ ଭୋଜି କରିବାକୁ ରାଜି ହେଲେ । ଭୋଜିଦିନ ସୁଯୋଗ ଦେଖି ସମସ୍ତେ ସେଠାରେ ଏକାଠି ହେଲେ । କେତେଜଣ ଅସରପା ସେମାନଙ୍କ ଖାଦ୍ୟ ପ୍ରସ୍ତୁତିରେ ଲାଗିଗଲେ । ଅନ୍ୟ କେତେକ ଖୁସି ଗପ କଲେ । ଆଉ କେତେଜଣ ଖେଳରେ ମାତିଗଲେ । ମାଲିକ ମାଲିକାଣି ରଖିଥିବା ବିଭିନ୍ନ ଖାଦ୍ୟପଦାର୍ଥ ଅସରପାମାନେ ଖୁସିରେ ଖାଇଲେ । ସେମାନଙ୍କର ହସଖୁସି, ଖେଳ କୌତୂକରେ ପଲଙ୍କ ତଳେ ବିଭିନ୍ନ ଶବ୍ଦ ହେଲା । ସେମାନଙ୍କ ପକ୍ଷୀ ଫଡ଼ ଫଡ଼ ଶବ୍ଦରେ ମାଲିକାଣିଙ୍କ ନିଦ ଭାଙ୍ଗିଗଲା ।

ମାଲିକାଣି ଆଲୁଅ ଲଗାଇଲା ମାତ୍ରେ କେତେଜଣ ଲୁଚିଗଲେ । ଆଉ କେତେଜଣ ଏଣେତେଣେ ଉଡ଼ିବୁଲିଲେ । ତାହାଦେଖି ସେ ମାଲିକଙ୍କୁ ନିଦରୁ ଉଠାଇଲେ । ଦୁହେଁ ସେହି ରାତିରେ ପଲଙ୍କ ତଳକୁ ଦେଖିଲେ । ଭାରି ଅସନା ହୋଇଛି । ପରଦିନ ସକାଳୁ ସେ ଗୋଟିଏ ମଜୁରିଆ ଡକାଇ କେବଳ ପଲଙ୍କ ତଳ ନୁହେଁ ଅନ୍ଧାରିଆ ଓ ଅସନା ଜାଗାକୁ ସଫାକଲେ । ଅସରପାମାନେ ରହିବାକୁ ଜାଗା ନପାଇ ଏଣେତେଣେ ବୁଲିବାରୁ କୁକୁର, ବିରାଡ଼ିଙ୍କ ଶିକାର ହେଲେ । ଆଉ କେତେକ ଘର ଛାଡ଼ି ଅନ୍ୟଆଡ଼େ ଚାଲିଗଲେ । ଗଲାବେଳେ ବୁଢ଼ା ଅସରପା କହିଲା, "ମଣିଷମାନଙ୍କ ଅବହେଳାରୁ ଆମେ ରହିଥିଲେ । ସେମାନେ ଖୁସିରେ ରହିଲେ ଆମେ ବି ଖୁସି ହେବା କଥା । କାରଣ ଏବେ ଆମେ ଆମ ନିଜ ଘର ତିଆରି କରିବା, ଆଉ କାହା ଘରେ ରହିବା ନାହିଁକି ଏମିତି ହୀନସ୍ତା ହେବା ନାହିଁ।" ତା କଥା ଶୁଣି ଅନ୍ୟମାନେ ଠୋ ଠୋ ହସିଲେ ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨

# ସାହାସୀ ଟିକୁ

## ପ୍ରଣତି ଆଚାର୍ଯ୍ୟ ମିଶ୍ର





ଚନ୍ଦନବନ ନାମରେ ଏକ ଜଙ୍ଗଲ ଥିଲା। ସେଠାରେ ଟିକୁ ନାମକ ଏକ ଠେକୁଆ ରୁହେ।

ଟିକୁ ବହୁତ ଚତୁର ଥିଲା। ସେ ସବୁବେଳେ ଜଙ୍ଗଲର ସମସ୍ତଙ୍କୁ ସାହାଯ୍ୟ କରେ। ସମସ୍ତ ପ୍ରାଣୀ ତାକୁ ଚନ୍ଦନବନର ହିରୋ ବୋଲି ଡାକୁଥିଲେ।

ଟିକୁ ବିଷୟରେ ଜଙ୍ଗଲର ସବୁଠି ଆଲୋଚନା ହୁଏ । ସମସ୍ତେ ତାକୁ ବହୁତ ଆଦର କରନ୍ତି । କିନ୍ତୁ ଗଧ ମଣ୍ଟି ତାକୁ ପସନ୍ଦ କରୁନଥିଲା। ସେ ସବୁବେଳେ ଟିକୁ ଉପରେ ବିରକ୍ତ ହେଉଥିଲା। ସେ ଜଙ୍ଗଲର ଅନ୍ୟ ପଶୁମାନଙ୍କ କାନରେ ଟିକୁ ବିରୁଦ୍ଧରେ କୁହେ। ଟିକୁ ଏସବୁ ଜାଣି ମଧ୍ୟ ଅଣଦେଖା କରୁଥିଲା। କାହା ସହିତ ଝଗଡ଼ା କରିବାକୁ ସେ ଚାହୁଁନଥିଲା।

ଥରେ ମଣ୍ଟି ତା'ର ବନ୍ଧୁ ରକି ଶିଆଳ, ବଣ୍ଟି ବିଲୁଆ , ଜମ୍ପି ମାଙ୍କଡ଼ ଏବଂ ମାକି ହାଏନା ସହିତ ଫୁଟବଲ୍ ଖେଳୁଥିଲା। ମଣ୍ଟି ପାଖରେ ଫୁଟବଲ୍ ଥିଲା।

'ମୋତେ ଫୁଟବଲ୍ ଦିଅ, ମୁଁ ଏହାକୁ ମାରିବି।' ଜମ୍ପି କହିଲା।

ହେ, ଏହାକୁ ମୋ ପାଖକୁ ଫୋପାଡ଼ି ଦିଅ, ତା'ପରେ ମୋର ଯାଦୁ ଦେଖ।' ବଣ୍ଟି କହିଲା।

ମାକି ଚିତ୍କାର କରି କହିଲା, 'ଯଦି ତୁମେ ଆକାଶରେ ଫୁଟବଲ୍ ନାଚୁଥିବା ଦେଖିବାକୁ ଚାହୁଁଛ, ତେବେ ମୋତେ ଦିଅ। ତା'ପରେ ମୋ ଖେଳ ଦେଖ।'

ମଣ୍ଟି ଦ୍ୱନ୍ଦ୍ୱରେ ପଡ଼ିଗଲା। ସେ ଆଖି ବନ୍ଦ କରି ଫୁଟବଲ୍‌କୁ ଜୋରରେ ଲାତ ମାରିଲା। ଫୁଟବଲ୍‌ଟି ପବନରେ ଉଡ଼ିଗଲା। ସମସ୍ତେ ଫୁଟବଲ୍ ପଛରେ ଦୌଡ଼ିବା ଆରମ୍ଭ କଲେ। ମଣ୍ଟି ମଧ୍ୟ ସମସ୍ତ ଶକ୍ତି ସହିତ ଦୌଡ଼ିବା ଆରମ୍ଭ କଲା। ହଠାତ୍ ସେ ଏକ ଗାତରେ ପଡ଼ିଗଲା। ସେ ଚିତ୍କାର କରିବାକୁ ଲାଗିଲା। ତା'ର ବନ୍ଧୁମାନେ ତାକୁ ଗାତରେ ପଡ଼ିଥିବା ଦେଖି ତାକୁ ରକ୍ଷା କରିବା ପରିବର୍ତ୍ତେ ସେଠାରୁ ଦୌଡ଼ି ପଳାଇଲେ। ଭୟ ଏବଂ ଯନ୍ତ୍ରଣା ଯୋଗୁଁ ମଣ୍ଟି ଦେହରୁ ପ୍ରବଳ ଝାଳ ବାହାରୁଥିଲା। ତା'ର ଗୋଡ଼ରେ ଆଘାତ ଲାଗିଲା। ସେ ତା'ର ବନ୍ଧୁମାନଙ୍କଠାରୁ ଏହା ଆଶା କରିନଥିଲା। ସେ ଦୁଃଖିତ ହୋଇ ଚିତ୍କାର କରି ସାହାଯ୍ୟ ମାଗୁଥିଲା। ବଂଚାଅ, ବଂଚାଅ....

ଠିକ୍ ସେହି ସମୟରେ ଟିକୁ ସେହି ବାଟ ଦେଇ ଯାଉଥିଲା। ସେ ମଣ୍ଟିର ପାଟି ଶୁଣିଲା। ସେ ତୁରନ୍ତ ସେହି ଦିଗକୁ ଦୌଡ଼ିଲା ଯେଉଁଠାରୁ ଶବ୍ଦ ଆସୁଥିଲା। ଯେତେବେଳେ ସେ ଗାତ ଭିତରକୁ ଚାହିଁଲା, ଆଶ୍ଚର୍ଯ୍ୟରେ ତା'ର ଆଖି ବଡ ହୋଇଗଲା । ତଳେ ମଣ୍ଟି କାନ୍ଦୁ ଥିବା ଦେଖି ଟିକୁ ପଚାରିଲା 'ବନ୍ଧୁ ତୁମର କ'ଣ ହେଲା ? ତୁମେ ଗାତରେ କିପରି ପଡିଗଲ ?' ମଣ୍ଟି କିପରି ତଳେ ପଡ଼ିଲା ତାହାର ସମ୍ପୂର୍ଣ୍ଣ କାହାଣୀ କହିଲା। ସେ ବହୁତ ଲଜ୍ଜାରେ ଟିକୁକୁ ସାହାଯ୍ୟ ମାଗିବାକୁ ଲାଗିଲା। ସେ ବିଶ୍ୱାସ କଲା ଯେ କେବଳ ଟିକୁ ହିଁ ତାକୁ ଏହି ସଙ୍କଟରୁ ବାହାର କରିପାରିବ।

ଟିକୁ କହିଲା।

'ତୁମେ ଚିନ୍ତା କର ନାହିଁ ମୁଁ କିଛି କରୁଛି ।' ଟିକୁ ତା'ର ବନ୍ଧୁ ମୋଟୁ ହାତୀ ପାଖକୁ ଦୌଡ଼ିଲା।

ମୋଟୁ ତୁମକୁ ଏକ ଗୁରୁତ୍ୱପୂର୍ଣ୍ଣ କାମ କରିବାକୁ ପଡିବ। ମୋ ସହିତ ଆସ। ଏକ ଲମ୍ବା ରଶି ମଧ୍ୟ ଆଣ ।' ଟିକୁ ମୋଟୁ କାନରେ କହିଲା।

ମୋଟୁ ବୁଲି ବୁଲି ହାଲିଆ ହୋଇ ଟିକେ ବିଶ୍ରାମ ନେଉଥିଲା।

'ମୋତେ ବିଶ୍ରାମ କରିବାକୁ ଦିଅ। ତୁମେ କେଉଁଆଡ଼େ ଯିବା କଥା କହୁଛ ? ଶୁଣ ତୁମେ ମଧ୍ୟ ମୋ ସହିତ ଘୁଙ୍ଗୁଡ଼ି ପ୍ରତିଯୋଗିତା କର।' ମୋଟୁ ମଜା କରି କହିଲା।

'ଏବେ ମସ୍ତି କରିବାର ସମୟ ନୁହେଁ। ମଣ୍ଟି ଅସୁବିଧାରେ ଅଛି।' ତାକୁ ଅସୁବିଧାରୁ ବାହାର କରିବାକୁ ପଡିବ।' ଟିକୁ ଚିନ୍ତିତ ହୋଇ କହିଲା ।

ମୋଟୁ କହିଲା,

'ଠିକ୍ ହୋଇଛି, ସେ ସବୁବେଳେ ତୁମ ବିଷୟରେ ଖରାପ କଥା କୁହେ। ତୁମେ ତା କଥା କାହିଁକି ଚିନ୍ତା କରୁଛ ।'

ଟିକୁ କହିଲା

'ହେ,ମୋଟୁ ଅତୀତକୁ ଭୁଲିଯାଅ। ଏବେ ସବୁଠାରୁ ବଡ଼ କଥା ହେଉଛି ମଣ୍ଟିର ଜୀବନ ରକ୍ଷା କରିବା। ଯଦି ସେ ଅଧିକ ସମୟ ପାଇଁ ଗାତରେ ରହେ, ତେବେ ତା'ର ଜୀବନ ବିପଦରେ ପଡ଼ିପାରେ।' ।

ହଉ ଠିକ୍ ଅଛି ଚାଲ, ମୋଟୁ ରଶି ଧରି ଟିକୁ ପଛେ ପଛେ ଚାଲିଲା । କିଛି ସମୟ ମଧ୍ୟରେ ଦୁହେଁ ସେହି ଗାତ ପାଖରେ ପହଞ୍ଚିଗଲେ, ଯେଉଁଠାରେ ମଣ୍ଟି ପଡ଼ିଥିଲା।

'ମଣ୍ଟି, ତୁମକୁ ଏବେ ଭୟ କରିବାର ଆବଶ୍ୟକତା ନାହିଁ। ମୋଟୁ ଆସିଗଲା। ଏବେ ସବୁକିଛି ଠିକ୍ ହୋଇଯିବ। ଆମେ ଗାତରେ ରଶି ଫିଙ୍ଗି ଦେଉଛୁ । ତୁମେ ଦାନ୍ତରେ ରଶି ଧରି ତୁମର ସମସ୍ତ ଶକ୍ତି ସହିତ ଉପରକୁ ଚଢ଼ିବ। ମୋଟୁ ତୁମକୁ ବାହାରକୁ ଟାଣି ଆଣିବ।

'ଠିକ୍ ଅଛି। ମୁଁ ଚେଷ୍ଟା କରିବି।' ମଣ୍ଟି କ୍ଷୀଣ ସ୍ୱରରେ କହିଲା। ସେ ଗାତ ଭିତରେ କ୍ଳାନ୍ତ ହୋଇଯାଇଥିଲା। ମୋଟୁ ରଶି ଫିଙ୍ଗିଦେଲା। ମଣ୍ଟି ତାକୁ ଦାନ୍ତରେ ଧରି ଉପରକୁ ଆସିବାକୁ ଚେଷ୍ଟା କଲା। ସେ ଧୀରେ ଧୀରେ ଉପରକୁ ଚଢ଼ିବା ଆରମ୍ଭ କଲା କିନ୍ତୁ ତା' ଦାନ୍ତରୁ ରଶି ଖସିଗଲା। ମଣ୍ଟି ଦୁଲ୍ କରି ତଳେ ପଡ଼ିଗଲା। ଟିକୁ ତାକୁ ଉତ୍ସାହିତ କରି ଚାଲିଲା।କିଛି କଥା ନାହିଁ, ପୁଣି ଚେଷ୍ଟା କର !

ଏହିପରି, ଦୁଇ-ତିନିଥର ଚେଷ୍ଟା ପରେ, ମଣ୍ଟି ଗାତରୁ ବାହାରି ଆସିଲା। ଗାତରୁ ବାହାରକୁ ଆସିବା ମାତ୍ରେ, ମଣ୍ଟିର ଆଖିରୁ ଲୁହ ବହିବାକୁ ଲାଗିଲା

ସେ ଟିକୁକୁ କହିଲା, 'ମୋତେ କ୍ଷମା କର ତୁମେ ପ୍ରକୃତରେ ବହୁତ ଭଲ। ତୁମେ ହିଁ ମୋ ଜୀବନ ବଞ୍ଚାଇଲ। ମୁଁ ସବୁବେଳେ ତୁମ ବିଷୟରେ ଖରାପ କଥା କହୁଥିଲି। ମୁଁ ତୁମର ବନ୍ଧୁତାର ଯୋଗ୍ୟ ନୁହେଁ ତଥାପି ମୁଁ ତୁମକୁ ମୋର ବନ୍ଧୁ କରିବାକୁ ଚାହୁଁଛି।'

ଟିକୁ କହିଲା,

ସଙ୍କଟ ସମୟରେ ସମସ୍ତଙ୍କୁ ସାହାଯ୍ୟ କରିବା ଉଚିତ।' ।

ମଣ୍ଟି ମୋଟୁ ହାତିକୁ ମଧ୍ୟ ଧନ୍ୟବାଦ ଦେଇ କହିଲା, ଯଦି ତୁମେ ନ ଥାନ୍ତ ତେବେ ମୁଁ ଆଜି ବାହାରକୁ ବାହାରି ନଥାନ୍ତି।' ମୋଟୁ କହିଲା ଏପରି ବନ୍ଧୁ କରିବା ଉଚିତ୍ ନୁହେଁ ଯେଉଁମାନେ କଷ୍ଟକର ସମୟରେ ଉଭାନ ହୋଇଯାଆନ୍ତି।'କିଛି ସମୟ ବିଶ୍ରାମ ପରେ ମଣ୍ଟି ଟିକେ ଆସ୍ୱସ୍ତି ହେଲା। ମୋଟୁ ନିଜ ପିଠିରେ ଟିକୁ କୁ ବସାଗଲା ତିନି ସାଙ୍ଗ ହସି ହସି ଜଙ୍ଗଲ ଆଗକୁ ଗଲେ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ଜିଲ୍ଲାସ୍ତରୀୟ ଇକୋ ପ୍ରଦର୍ଶନୀ ଉଦ୍‌ଯାପିତ

କେନ୍ଦୁଝର, ୩୦/୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ, ରାଇସୁଆଁ ଠାରେ ପରିବେଶ ନିମନ୍ତେ ଧାରଣୀୟ ଜୀବନ ଶୈଳୀ ଉପରେ ଜିଲ୍ଲାସ୍ତରୀୟ ଇକୋ ପ୍ରଦର୍ଶନୀ ଗୁରୁବାରରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗଦେଇ ଇକୋ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ଥିଲେ ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ମହାନ୍ତ, ରୁଦ୍ର ନାରାୟଣ ସାମଲ,ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା, ସଦର ସହ ଗୋଷ୍ଠୀ ଅଧିକାରୀ ମାନସ ରଞ୍ଜନ ମିଶ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ ରାଇସୁଆଁର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ସାହୁ ଯୋଗ ଦେଇଥିଲେ।୧୩ ଟି ବ୍ଲକରୁ ମୋଟ ୫୨ଟି ଇକୋ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମପୁରର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ,ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସନତ କୁମାର ଦାସ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ଅପରାହ୍ଣରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହା ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉପ ମୁଖ୍ୟ ବନ ସଂରକ୍ଷକ, କେନ୍ଦୁଝର ସୁଦୀପ୍ତ କୁମାର ପଣ୍ଡା ଯୋଗ ଦେଇ ପରିବେଶ ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ର ନାରାୟଣ ସାମଲ, ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ, ଝୁମ୍ପୁରା ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମିଶ୍ର,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା, ସଦର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର, ତରଣୀସେନ ମୁଣ୍ଡା, କପିଳ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଉକ୍ତ ପ୍ରଦର୍ଶନୀରେ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ, କେଶଦୁରାପାଳର ସାଇ ନାରାୟଣ ମହାରଣା ପ୍ରଥମ ସ୍ଥାନ,ଏଲ୍.ଏନ୍. ସରକାରୀ ଉଚ୍ଚ ବିଦ୍ୟାଳୟ, ମହଦେଇଯୋଡାର ସୁଶ୍ରୀ ଆଲିସା ଦାସ ଦ୍ୱିତୀୟ ସ୍ଥାନ ଏବଂ ଝାଲମଣୀ ଉଚ୍ଚ ବିଦ୍ୟାଳୟ, ଡେଣୁଆଁର ପ୍ରଜ୍ଞାରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଇକୋ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି।ଏହି ପରିପ୍ରେକ୍ଷୀରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ର ଜିଲ୍ଲା ସ୍ତରୀୟ ଇକୋ ପ୍ରଦର୍ଶନୀ କାର୍ଯ୍ୟକୁ ଜିଲ୍ଲା ସଂଯୋଜକ ଭାବେ ସମ୍ପାଦନ କରିବା ସହ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଶେଷରେ ସରକାରୀ ଉଚ୍ଚ ବିଦ୍ୟାଳୟ, ରାଇସୁଆଁର ପ୍ରଧାନଶିକ୍ଷକ ନିର୍ମଳ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ରାଇସୁଆଁ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଜିଲ୍ଲାର ଅନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ: ଆଧୁନିକ ଜ୍ଞାନକୌଶଳରେ ସମୃଦ୍ଧ ହେବେ ଚାଷୀ

କେନ୍ଦୁଝର, ୩୦/୧ (ନି.ପ୍ର): କେନ୍ଦୁଝର ସଦର ମହକୁମାସ୍ଥିତ କାଳୀ ପଡ଼ିଆଠାରେ ଆଜିଠାରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମହାସମାରୋହରେ ଆରମ୍ଭ ହୋଇଯାଇଛି । କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ମେଳା ଆଜିଠାରୁ ଆସନ୍ତା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ଥାନୀୟ ଟେଲିଫୋନ ଛକରୁ ପାରମ୍ପରିକ ବାଦ୍ୟ ଓ ହୁଳହୁଳିରେ ଅତିଥି ମାନଙ୍କୁ ସଭାମଂଚକୁ ପାଛୋଟି ନିଆଯାଇଥିଲା। ଆନୁଷ୍ଠାନିକ ଭାବେ ଫିତା କାଟି ପ୍ରଦର୍ଶନୀ ର ଶୁଭାରମ୍ଭ କରିବା ପରେ ମା' ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ ଓ ବୃକ୍ଷରେ ଜଳଦାନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ ଯେ, ବିକ୍ରେତା ଓ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ଏହି ମେଳାରେ କୃଷି ଯନ୍ତ୍ରପାତି କିଣିବା ଉପରେ ଚାଷୀଙ୍କୁ ୪୦%ରୁ ୭୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି । ୨୦୩୬ ସୁଦ୍ଧା ଓଡ଼ିଶାକୁ 'ସୁନାର ଓଡ଼ିଶା'ରେ ପରିଣତ କରିବା ଲକ୍ଷ୍ୟରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଅପରିହାର୍ଯ୍ୟ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିବା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ସୁକାନ୍ତ କୁମାର ସାହୁ, କୃଷି ଗବେଷଣା ଓ ଜ୍ଞାନ କୌଶଳ ସମ୍ପ୍ରସାରଣ କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ସାହୁ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି କୃଷି ଜ୍ଞାନ କୌଶଳ, କୃଷି ଯନ୍ତ୍ରପାତିର ବ୍ୟବହାର, ଉପଲବ୍ଧ ରିହାତି ବିଷୟରେ ତଥ୍ୟ ରଖିଥିଲେ,କୃଷି ଅଧିକ୍ଷଣଯନ୍ତ୍ରୀ ନରେନ୍ଦ୍ର କୁମାର ପଣ୍ଡା ନିଜ ଅଭିଭାଷଣ ରେ କେନ୍ଦୁଝରର ଚାଷୀଙ୍କ ଆଧୁନିକ ପ୍ରଣାଳୀ ରେ ଚାଷ କାର୍ଯ୍ୟର ଉତ୍ସାହକୁ ପ୍ରଶଂସା କରି କହିଥିଲେ ଯେ, ଜିଲ୍ଲାରେ ଯନ୍ତ୍ରପାତି କିଣିବା ହାର ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅନେକ ବୃଦ୍ଧି ପାଇଛି ଏବଂ ସମ୍ମାନିତ ଅତିଥି ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ଶ୍ରୀ ସଞ୍ଜୀବ କୁମାର ବେହେରା ଗବେଷଣା ଲବ୍ଧ ଜ୍ଞାନ କୌଶଳ ଓ ସରକାରୀ ଯୋଜନାର ସୁବିଧା ଉପଯୋଗ କରି ଲାଭନ୍ୱିତ ହେବାକୁ ଆହ୍ୱାନ ଦେଇଥିଲେ ଓ କୃଷି ବିଭାଗ ଦ୍ୱାରା ଆୟୋଜିତ ଏହି ମେଳା ଏକ ସଫଳ ପ୍ରୟାସ ବୋଲି ପ୍ରକାଶ କରିଥିଲେ । ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ସହାୟତା ପ୍ରଦାନ, ଏହି ଅବସରରେ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ବଂଟନ କରାଯାଇଥିଲା । ଶ୍ରୀ ଅନ୍ନ ଅଭିଯାନରେ ୩ଟି ମହିଳା ଗୋଷ୍ଠୀଙ୍କୁ 'ମିଲେଟ ଟିଫିନ ସେଂଟର' ପାଇଁ କାର୍ଯ୍ୟାଦେଶ, ଆତ୍ମା ଯୋଜନାର ୪ଟି ସ୍ୱୟଂ ସହାୟ ଗୋଷ୍ଠୀଙ୍କୁ ମୂଳପାଣ୍ଠି ବାବଦରେ ୨୫ ହଜାର ଟଙ୍କାର ଚେକ୍, ଯନ୍ତ୍ରପାତି ବିତରଣରେ ୪ ଜଣ ହିତାଧିକାରୀଙ୍କୁ କୃଷି ଯନ୍ତ୍ରପାତିର ଚାବି ହସ୍ତାନ୍ତର।

# ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ

ଭୁବନ, ୩୦/୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମରେ ମା ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ବାର୍ଷିକ ଉତ୍ସବରେ ଗ୍ରାମର ମହିଳା ମାନେ ଶ୍ରଦ୍ଧା ଓ ଭକ୍ତିର ସହକାରେ କଳସ ଶୋଭାଯାତ୍ରା କରିଥିଲେ। ତାରିଣୀ ମନ୍ଦିର କମିଟି ସଭାପତି ସୁଶାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ କାମାକ୍ଷାନଗର ବିଧାୟକ ଶତୃଘ୍ନ ଜେନା ଉପସ୍ଥିତ ରହି ମା ତାରିଣୀଙ୍କ ଆଶିଷ ଲାଭ କରିବା ସହିତ ଆୟୋଜିତ ଭଜନ ସଂନ୍ଧ୍ୟାର ଶୁଭ ଉଦ୍ଘାଟନ କରିଥିଲେ। ତେବେ ଓଡିଶାର ସୁନାମଧନ୍ୟ କଳାକାର ମାନଙ୍କ ସହ ସୌରଭ ଭରତଧ୍ୱଜଙ୍କ ଭଜନ ଶୁଣିବା ପାଇଁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତ ଓ ଜନ ଆରୋଗ୍ୟ ସମିତି ସମ୍ମିଳନୀ

ଭବାନୀପାଟଣା, ୩୦/୧ (ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଏବଂ ଜନ ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୫-୨୬ ଆଜି ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ହରେ କୃଷ୍ଣ ଶତପଥି,ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରାକେଶ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଦେବୀ ପ୍ରସାଦ ମହାପାତ୍ର,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦିଲୀପ କୁମାର ଦୁବେ ପ୍ରମୁଖ ଯୋଗଦେଇ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରି ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସେବା ସହିତ ଗାଁ ର ଉନ୍ନତି,ଓ ବିକାଶ କ୍ଷେତ୍ରରେ ସ୍ୱାସ୍ଥ୍ୟ କର୍ମୀ,ଅଙ୍ଗନବାଡି କର୍ମୀ ଓ ଆଶା ଦିଦି ମାନଙ୍କର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅନ୍ତର୍ଗତ ପ୍ରମୁଖ ଲକ୍ଷ ଏବଂ ଉଦ୍ଦେଶ୍ୟ ତଥା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ଆଲୋଚନା କରାଯାଇଥିଲା। ଜିଲ୍ଲାରୁ ମାତୃମୃତ୍ୟୁ ଏବଂ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ସହିତ ବିଭିନ୍ନ ଜନସ୍ୱାସ୍ଥ୍ୟ ସେବା ଯଥା – ମହିଳା ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, ଜଳ ଓ ପରିମଳ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ, ସଂକ୍ରାମକ ଏବଂ ଅଣସଂକ୍ରାମକ ରୋଗ ସହିତ ଆଂଚଳିକ ସ୍ତରରେ ପରିଦୃଷ୍ଟ ରୋଗ ସମୂହର ପ୍ରତିରୋଧ ଓ ନିୟନ୍ତ୍ରଣ, ସମନ୍ୱିତ ପ୍ରାଥମିକ ସ୍ୱାସ୍ଥ୍ୟ ସେବାକୁ ସାର୍ବଜନୀନ କରିବା ସହିତ ଜନସଂଖ୍ୟା ସ୍ଥିରୀକରଣ, ଲିଙ୍ଗଗତ ସମାନତା ଏବଂ ଜନସଂଖ୍ୟା ଭିତିକ ଭାରସାମ୍ୟ ରକ୍ଷା କରିବା ସହିତ ସୁସ୍ଥ ଜୀବନ ଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଗ୍ରାମାଂଚଳ ତଥା ଜନସାଧାରଣଙ୍କର ସୁବିଧା ପାଇଁ ଅଧିସ୍ୱୀକୃତ ସାମାଜିକ ସ୍ୱାସ୍ଥ୍ୟ ସହାୟିକା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା , ଜନନୀ ସ୍ୱାସ୍ଥ୍ୟ ଯୋଜନା ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ପ୍ରକାର ମହାମାରୀ କିମ୍ବା ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପରିସ୍ଥିତିକୁ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଜିଲ୍ଲାରେ ଏହି ସବୁ କାର୍ଯ୍ୟକ୍ରମକୁ ସଫଳ ଭାବରେ ତ୍ୱରାନ୍ୱିତ କରିବାରେ ଯେଉଁମାନଙ୍କର ଅଗ୍ରଣୀ ଭୂମିକା ରହିଥାଏ ସେହି ମାନଙ୍କର କାର୍ଯ୍ୟଦକ୍ଷତାକୁ ଉତ୍ସାହିତ କରିବା ପାଇଁ କିଛି ମାପକ ମାନଦଣ୍ଡରେ ଯୋଗ୍ୟବିବେଚିତଙ୍କୁ ଅତିଥି ମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଶ୍ରେଷ୍ଠ ବିବେଚିତ ଆଶା (ଗ୍ରାମାଂଚଳର ୧୩ ଜଣ ଏବଂ ସହରାଂଚଳର ୧ ଟି) ଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନରେ ସମ୍ମାନୀତ କରାଯାଇଥିଲା । ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ଜଣ ଆରୋଗ୍ୟ ସମିତି ପୁରସ୍କାର ୧୩ ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରଙ୍କୁ ପ୍ରଦାନ କରାଯାଇଥିଲା, ୧୩ ଟି ଗାଁ କଲ୍ୟାଣ ସମିତି ଙ୍କୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କରିବା ସହିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ତରରୁ ୨୮ ଟି ମହିଳା ଆରୋଗ୍ୟ ସମିତିଙ୍କୁ ପୁରସ୍କୃତ କରିବା ସହିତ ସାର୍ଟିଫିକେଟ ଏବଂ ଅନୁଦାନ ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ର ସମସ୍ତ ବ୍ଲକ ର, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀ, ଗାଁ କଲ୍ୟାଣ ସମିତି ର କର୍ମକର୍ତ୍ତା, ଆଶା, ଅଙ୍ଗନବାଡି କର୍ମୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ।

# କ୍ଷମତାର ଅପ ବ୍ୟବହାର କରି ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ

କେନ୍ଦ୍ରାପଡ଼ା, ୩୦/୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତ ଗରାପୁର ଗ୍ରାମର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକଙ୍କୁ ଭେଟି ତାଙ୍କ ଜମିକୁ ମୁଗ ଚାଷ ପାଇଁ ବିଦ୍ୟୁତ୍ ସଂଯୋଗ ନେବାକୁ ବିରୋଧ କରୁଥିବା ପିଏସଓଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ସ୍ଥାନୀୟ ଅଂଚଳର ଶତାଧିକ ଚାଷୀ ଉଠା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟରେ ଟ୍ରାନ୍ସଫରମର ରୁ ବିଦ୍ୟୁତ୍ ତାର ସଂଯୋଗ କରାଇ ପ୍ରକଳ୍ପ ଚାଲୁ କରି ଖରିଫ ମୁଗ, ବିରିରେ ପାଣି ମଡାଇବାକୁ ଥିବାବେଳେ ଜିଲ୍ଲାପାଳଙ୍କ ପିଏସଓ ଭାବେ କାର୍ଯ୍ୟ କରୁଥିବା ଏହାର ପ୍ରତିବାଦ କରି କାର୍ଯ୍ୟ ବନ୍ଦ କରଇଥିଲେ। ତାଙ୍କ ଜମି ବାହାରେ ବିଦ୍ୟୁତ୍ ଖୁଣ୍ଟ ପକାଇ ତାର ସଂଯୋଗ କରିବାପାଇଁ ଚାଷୀମାନେ ବ୍ୟବସ୍ଥା କରିଥିବା ବେଳେ କ୍ଷତାର ଅପ ବ୍ୟବହାର କରି ତାର ପକାଇ ନଦେବା ଫଳରେ ସ୍ଥାନୀୟ ଚାଷୀମାନେ ଚାଷରୁ ବଂଚିତ ହେଉଛନ୍ତି। ଏ ବିଷୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କଲାପରେ ତାଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ତହସିଲଦାର ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳର ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ତୁଳସୀ ମହିଳା କଲେଜରେ କ୍ୟାଂଟିନ ଉଦ୍‌ଘାଟନ

କେନ୍ଦ୍ରାପଡ଼ା, ୩୦/୧ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଏକ ଭୋଜନାଳୟ(କ୍ୟାଂଟିନ) ଉଦଘାଟନ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ କଲେଜ ପରିସରର ଉନ୍ନତିକରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି। ବିଧାୟକ ଶ୍ରୀ ବେହେରା କଲେଜରେ ଏକ ଟ୍ରାନ୍ସଫରମର ଓ ଅତିରିକ୍ତ ଶ୍ରେଣୀଗୃହ ପାଇଁ ୧୦ ଲକ୍ଷ ଟଙ୍କା ନିଜସ୍ୱ ପାଣ୍ଠିରୁ ଦେବାକୁ ଉପସ୍ଥିତ ଥିବା ଛାତ୍ରୀ ଓ କର୍ମଚାରୀମାନଙ୍କୁ ପ୍ରତିଶୃତି ଦେଇଛନ୍ତି। କଲେଜ ପରିସରରେ ଏହି କ୍ୟାଂଟିନ ଉଦ୍‌ଘାଟନ ହେବା ଦ୍ୱାରା ଅଧ୍ୟୟନ କରୁଥିବା ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପକୃତ ହେବେ। ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧକ୍ଷ ଡ଼ଃ ମଥୁରୀ ଚରଣ ନାୟକ, ସ୍ଥାନୀୟ କାଉନସିଲର ନିରାକାର ସ୍ୱାଇଁ, ପ୍ରଦିପ୍ତ କୁମାର ଜେନାଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସାଙ୍କୁଲାଇ ପୀଠରେ ମାଘ ମଣ୍ଡେଇ ଯାତ୍ରା: ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

ଜୟପୁର, ୩୦/୧ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବି ସିଂହପୁର ଗ୍ରାମରେ ଥିବା ଅଭିଭକ୍ତ କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଶକ୍ତି ପୀଠ ମା ସାଙ୍କୁଲାଇଙ୍କ ପବିତ୍ର ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଘ ମାସ ଶୁକ୍ଲପକ୍ଷର ଶେଷ ବୁଧବାର ଓ ଶୁକ୍ରବାର ଦିନରେ ମା ସାଙ୍କୁଲାଇଙ୍କ ଦର୍ଶନ ଓ ମନସ୍କାମନା ପୂର୍ଣ ପାଇଁ ପୀଠରେ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଏହି ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଭକ୍ତଙ୍କ ପ୍ରବଳ ଭିଡ ଦେଖା ଦିଏ, ମାଆ ସାଙ୍କୁଲାଇଙ୍କ ଆଶିଷ ଲାଭ ପାଇଁ ଦୂର ଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟେ । ଚଳିତ ବର୍ଷ ମଧ ଘଂଟ, ଘଂଟି ସହିତ ଶଙ୍ଖ ଧ୍ୱନୀ ଓ ପାରମ୍ପରିକ ଆଦିବାସୀ ବାଦ୍ୟରେ ପ୍ରକମ୍ପିତ ହୋଇ ଉଠିଛି ସାଙ୍କୁଲାଇ ପୀଠ । ପରମ୍ପରା ଅନୁଯାୟୀ ମଣ୍ଡେଇ ଦିନ ସକାଳୁ ବେଣାଗାଁ ପଂଚାୟତ ସନ୍ତୋଷପୁର ଗାଁର ପୂଜାରୀ ଆସି ମାଙ୍କ ଖଣ୍ଡା ଏବଂ ଲାଠି ବି.ସିଂହପୁରରେ ଥିବା ସାଙ୍କୁଲାଇଙ୍କ ମୁଖ୍ୟ ପୂଜକଙ୍କ ଘରୁ ନେଇ ପୀଠରେ ପୂଜାର୍ଚ୍ଚନା କରି ସ୍ଥାପନ କରିଥିଲେ। ରଣସପୁର ପଂଚାୟତର ଜାନିଗୁଡା ଗ୍ରାମର ଯାନୀ ସମ୍ପ୍ରଦାୟରର ମୁଖିଆଙ୍କ ଘରୁ ମା ଙ୍କ ସାଜସଜ୍ଜା ଏବଂ ସିଂଘାର ବେଶ ଆଣି ମା ସିଂଘାର ହୋଇଥିଲେ । ରୀତିନୀତି ଅନୁଯାୟୀ ମାଙ୍କୁ ସିଂଘାର କରିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ବି ସିଂହପୁର ଅଂଚଳ ସହିତ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ପଡୋଶୀ ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ମାଙ୍କ ଭକ୍ତଙ୍କ ସମାଗମ ହୋଇଥିବା ଦେଖାଦିଏ । ବି ସିଂହପୁର ସାଙ୍କୁଲାଇ ପୀଠରେ ମାଘ ମଣ୍ଡେଇ ପରେ ବୋରିଗୁମ୍ମା ଭୈରବ ମନ୍ଦିରରେ ମଧ ମାଘ୍ ମଣ୍ଡେଇ ଅନୁଷ୍ଠିତ ହେବ ।

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳପୁର ଓ ଦେଓଦା ପଂଚାୟତରେ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଧର୍ମଶାଳା, ୩୦/୧ (ନି.ପ୍ର): ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯାଜପୁର ଜିଲା ଧର୍ମଶାଳା ବ୍ଲକର ୫୪ଗୋଟି ପଂଚାୟତକୁ ନେଇ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କାର୍ଯ୍ୟକ୍ରମ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜାରି ରହିଛି । ଧର୍ମଶାଳା ବିଧାୟକ ହିଂମାଶୁ ଶେଖର ସାହୁଙ୍କ ପରାମର୍ଶ କ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜି ମଙ୍ଗଳପୁର ଓ ଦେଓଦା ଦୁଇ ଗୋଟି ପଂଚାୟତକୁ ନେଇ ବାସୁଦେବପୁରସ୍ଥିତ କୋଠଘର ପ୍ରାଙ୍ଗଣରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ରାମ୍‌କୋ ସିମେଂଟ କାରଖାନର ମୁଖ୍ୟ ପରିଚାଳକ ଗୋବିନ୍ଦ ଚନ୍ଦ୍ର ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ୧୫ ନଂ ଜୋନ ମଣ୍ଡଳ ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ,ମଙ୍ଗଳପୁର ପଂଚାୟତ ପ୍ରଭାରୀ ସୁଦର୍ଶନ ପଣ୍ଡା,ଦେଓଦା ପଂଚାୟତ ପ୍ରଭାରୀ ବିଜୟ କୁମାର ପଣ୍ଡାଙ୍କ ସମେତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର କର୍ମକର୍ତ୍ତା,ଯୁବ ଓ ବରିଷ୍ଠ ବିଜେପି ନେତା ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ହାଇଟେକ୍ ମେଡିକାଲର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ମହିଳା, ଶିଶୁ ରୋଗୀ, ଚର୍ମ, ମଧୁମେୟ, ହୃଦଘାତ, ଉଚ୍ଚ ରକ୍ତ ଚାପ, ଦାନ୍ତ, ଗଳା, କର୍ଣ୍ଣ ଓ ନାସା ଭଳି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଟ୍ରଷ୍ଟ ପକ୍ଷରୁ ରୋଗୀମାନଙ୍କୁ ଔଷଧ ବଂଟନ କରାଯିବା ସହ ବିଭିନ୍ନ ରୋଗ ସମ୍ପର୍କରେ ରୋଗୀ ଓ ସମ୍ପର୍କୀୟମାନଙ୍କୁ ସଚେତନତା କରାଯିବା ସହିତ ମଧୁମେୟ ରୋଗୀମାନଙ୍କୁ ତିନିମାସ ପାଇଁ ଔଷଧ ବଂଟନ କରାଯାଇଥିଲା । ଏହି ଶିବିରରେ ୭ଶହରୁ ଉର୍ଦ୍ଧ ରୋଗୀ ସେମାନଙ୍କ ନାମ ପଞ୍ଜିକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇ ଥିଲେ । ହାଇଟେକ୍ ମେଡିକାଲର କର୍ମଚାରୀ ଓ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଓ ମଙ୍ଗଳପୁର ଓ ଦେଓଦା ପଂଚାୟତର ଯୁବନେତା ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ ।

# ନିମ୍ନମାନର କାନପୁର କେନାଲ ପୋଲ କାର୍ଯ୍ୟ : ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ଚମ୍ପୁଆ, ୩୦/୧ (ନି.ପ୍ର): କାନପୁର ବୃହତ ନଦୀ ବନ୍ଧ ଯୋଜନାରେ ନିର୍ମାଣ କରାଯାଉଥିବା ନିମ୍ନ ମାନର କେନାଲ ପୋଲ ଗୁଡିକର ସ୍ଥାଇତ୍ୱକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, କାନପୁର ବୃହତ୍ ନଦୀ ବନ୍ଧ ଯୋଜନାରେ ନିର୍ମାଣ କରାଯାଉଥିବା କେନାଲ ଗୁଡିକର ଢ଼ଳେଇ କାର୍ଯ୍ୟରେ ଉଚିତ ପରିମାଣର ସିମେଂଟ ବାଲି ଚିପ୍ସ ଆଦି ଦିଆ ଯାଉନାହିଁ। କେନାଲ ଗୁଡିକ ଗ୍ରାମାଂଚଳରେ ଥିବା ରାସ୍ତା ପାର କରିବାକୁ ପୋଲ ନିର୍ମାଣ କରାଯାଉଛି, କିନ୍ତୁ ନିର୍ମାଣ କରା ଯାଉଥିବା ପୋଲ ଗୁଡିକରେ ମୂଳରୁ ରଡ଼ ଦିଆଯାଉ ନାହିଁ। କେବଳ ବାଲି, ସିମେଂଟ, ଚିପ୍ସ ଦେଇ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳୁଛି। ବିନା ରଡ଼ରେ ନିର୍ମାଣ କରାଯାଉଥିବା ଏହି ପୋଲ ଗୁଡିକର ଢ଼ଳେଇ କାମ କିପରି ଚାଲୁଛି ତାହା ଦେଖିବାପାଇଁ ବିଭାଗୀୟ କୌଣସି ଯନ୍ତ୍ରୀ ମଧ ଉପସ୍ଥିତ ରହୁ ନାହାନ୍ତି। ଯାହା ଫଳରେ ଠିକାଦାର ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛନ୍ତି। ତେବେ ଏହି ପୋଲ କାର୍ଯ୍ୟରେ କେତେ ସିମେଂଟ, ବାଲି, ଚିପ୍ସ ଦିଆ ଯାଉଛି, ତାହା କାର୍ଯ୍ୟରତ ମିସ୍ତ୍ରୀ ମାନେ ମଧ କହି ନ ପାରିବା ଆଶ୍ଚର୍ଯ୍ୟ ଚକିତ କରିଛି। ଏହି ପୋଲ କାର୍ଯ୍ୟ ତଦାରଖ କରୁଥିବା କର୍ମଚାରୀଙ୍କୁ କାହିଁକି ରଡ଼ ଦିଆଯାଉ ନାହିଁ ବୋଲି ପଚାରିବାରୁ, କୌଣସି ପୋଲ କାର୍ଯ୍ୟରେ ରଡ଼ ଦେବାକୁ ମନା କରାଯାଇଛି ବୋଲି ଜନୈକ କର୍ମଚାରୀ କହିଥିବା ବେଳେ ଏହି ପୋଲ ଗୁଡିକର ସ୍ଥାଇତ୍ୱକୁ ନେଇ ଏବେ ବଡ଼ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି, ଖୋଦ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା, ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଂଚାୟତରେ।

କେନ୍ଦୁଝର ଜିଲ୍ଲାରେ କୃଷିର ଉନ୍ନତି ପାଇଁ ନଦୀବନ୍ଧ ନିର୍ମାଣ କରାଯାଇ ଚାଷ ଜମିକୁ ଜଳ ସେଚନ କରାଯିବା ଲକ୍ଷ ରଖି ଚମ୍ପୁଆ ଉପଖଣ୍ଡସ୍ଥ ଯୋଡା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁର ଠାରେ ବୈତରଣୀ ନଦୀ ଉପରେ କାନପୁର ବୃହତ୍ ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି। ଜିଲ୍ଲାର ଚାଷୀ ମାନଙ୍କ ପାଇଁ ଚାଷ ଓ ଜୀବନ ଜୀବିକା ନିମନ୍ତେ କେନାଲ ଜଳର ଅତି ଆବଶ୍ୟକତା ରହିଥିବା ବେଳେ ଏବେ ଏହି କେନାଲ କାମରେ ଚଂଚକତା କରି କାନପୁର ନଦୀ ବନ୍ଧ ପ୍ରକଳ୍ପ ନାମରେ ଲୋକଙ୍କୁ ଅନ୍ଧାରରେ ରଖି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାର ସଲାସୁତରାରେ ନିମ୍ନମାନର କାମ କରି ମାଲେମାଲ ହେଉଛନ୍ତି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏପରି କାର୍ଯ୍ୟ ଚାଲୁଥିଲେ ମଧ୍ୟ ଏମାନଙ୍କ ନିମ୍ନମାନର କାର୍ଯ୍ୟ ପ୍ରତି ବିଭାଗ କୌଣସି ଦୃଷ୍ଟି ଦେଉ ନ ଥିବାରୁ ବର୍ଷ ବର୍ଷ ଧରି କାନପୁର ନଦୀ ବନ୍ଧ ଜଳକୁ ଚାହିଁ ରହିଥିବା ଚାଷୀଙ୍କ ଭବିଷ୍ୟତ ଏବେ ଅନ୍ଧାରରେ।

# କେନ୍ଦୁଝର ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି: ଫେବୃୟାରୀ ମାସର କାର୍ଯ୍ୟସୂଚୀ ଜାରି

କେନ୍ଦୁଝର, ୩୦/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଏବଂ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, କେନ୍ଦୁଝର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଫେବୃୟାରୀ ମାସ ନିମନ୍ତେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ବିଭିନ୍ନ ବ୍ଲକରେ ଏହି ଶୁଣାଣି ଅନୁଷ୍ଠିତ ହେବ। ଜାନୁଆରୀ ମାସର ଶେଷ ଶୁଣାଣି ପରେ, ଫେବୃୟାରୀ ମାସରେ ହେବାକୁ ଥିବା ଶୁଣାଣିର ତାଲିକା ନିମ୍ନରେ ଦିଆଗଲା। ୦୨.୦୨.୨୦୨୬ (ସୋମବାର) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ୦୯.୦୨.୨୦୨୬ (ସୋମବାର) ପଂଚାୟତ ସମିତି କାର୍ଯ୍ୟାଳୟ, ଘଷିପୁରା, ୧୬.୦୨.୨୦୨୬ (ସୋମବାର) ପଂଚାୟତ ସମିତି କାର୍ଯ୍ୟାଳୟ, ଚମ୍ପୁଆ ୨୩.୦୨.୨୦୨୬ (ସୋମବାର) ପଂଚାୟତ ସମିତି କାର୍ଯ୍ୟାଳୟ, ହରିଚନ୍ଦନପୁର। ଏହି ସମସ୍ତ ଶୁଣାଣି ପୂର୍ବାହ୍ନ ୧୦:୦୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୦୧:୦୦ ଘଟିକା ପର୍ଯ୍ୟନ୍ତ ଚାଲିବ। ଶିବିରଗୁଡ଼ିକରେ ଆବେଦନକାରୀ, ବିଶେଷ କରି ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ଓ ପାନୀୟ ଜଳର ସମସ୍ତ ବ୍ୟବସ୍ଥା କରାଯିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ଗୁଡ଼ିକୁ ତୁରନ୍ତ 'ଜନ ଶୁଣାଣି ପୋର୍ଟାଲ'ରେ ପଞ୍ଜିକରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ମଧ ନିୟୋଜିତ ରହିବେ। ଅଂଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି।

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଧର୍ମଶାଳା, ୩୦/୧ (ନି.ପ୍ର): ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀଗଣ, ଅଧ୍ୟାପିକା, ନରସିଂହ ସ୍ୱୟଂଶାସିତ ମହାବିଦ୍ୟାଳୟ, ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ଅଧକ୍ଷ, ସରକାରୀ ବହୁମୁଖି ଅନୁଷ୍ଠାନର ଅଧ୍ୟାପକ ଇତ୍ୟାଦି ଯୋଗଦାନ କରି ଏହି ନିଯୁକ୍ତି ମେଳାକୁ ସଫଳ କରିବା ଉଦ୍ଦେଶ୍ୟରେ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଆସନ୍ତା ଫେବୃଆରୀ ୨୭ ତାରିଖରେ ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ପାଇଁ ବୈଠକ ରେ ନିଷ୍ପତି ନିଆଯାଇଅଛି। ଏହି ନିଯୁକ୍ତି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀମାନଙ୍କୁ ଯୋଗଦେବା ପାଇଁ ନିଷ୍ପତି ହୋଇଛି। ଜିଲ୍ଲାର ସମସ୍ତ ବ୍ଲକର ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯେଭଳି ବହୁଳ ସଂଖ୍ୟାରେ ଏହି ବୃହତ ନିଯୁକ୍ତି ମେଳାର ଅଂଶ ଗ୍ରହଣ କରି ସୁଯୋଗ ନେଇପାରିବେ ସେଥିପ୍ରତି ବିଶେଷ ଧାନ ଦେବାକୁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଏବଂ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଯୁକ୍ତି ମେଳା ସମ୍ବନ୍ଧରେ ଗ୍ରାମାଂଚଳରେ ରହୁଥିବା ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯେଭଳି ବ୍ୟାପକ ଭାବେ ସଚେତନ ହୋଇ ଏହାର ସୁଯୋଗ ନେଇପାରିବେ ସେଥି ପାଇଁ ବ୍ଲକର କାର୍ଯ୍ୟକର୍ତ୍ତାମାନଙ୍କ ଜରିଆରେ ପ୍ରଚାର ପ୍ରସାର ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ, ଶିକ୍ଷ ତାଲିମ୍ କେନ୍ଦ୍ର ଏବଂ ଡିପ୍ଲୋମା ପାଠ୍ୟକ୍ରମ ଥିବା ଅନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ ପାଇଁ ସୂଚନା ପ୍ରଦାନ ନିମନ୍ତେ ନିଷ୍ପତି ହୋଇଅଛି। ଯାଜପୁର ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବୃହତ୍ କଂପାନୀଗୁଡ଼ିକୁ ମଧ ଅଂଶ ଗ୍ରହଣ କରିବା ପାଇଁ ନିଷ୍ପତି ନିଆଯାଇଅଛି । ନିଯୁକ୍ତି ମେଳା ସମୟରେ ଆଇନ ଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୂତୟନ, ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ଆଲୋଚନା ହୋଇଥିଲା।

# ବଣିଆବସାରେ ପରିବେଶ ସଚେତନତା କର୍ମଶାଳା ଅନୁଷ୍ଠିତ

ଉଦଳା , ୩୦/୧ (ନି.ପ୍ର): ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ପାଇଁ ଲୋକ ସଂଗଠନ ଜନଜାଗୃତି ମଂଚ ତରଫରୁ ସଚେତନତା କାର୍ଯ୍ୟକ୍ରମ ବର୍ଷ ତମାମ ଜାରି ରହିଛି । ଏହି ଅବସରରେ ଖୁଂଟା ବ୍ଲକର ଢ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ବଣିଆବସା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଜାନୁଆରି ୩୦ ତାରିଖ ଶୁକ୍ରବାର ଦିନ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପିଲାଙ୍କ ମଧ୍ୟରେ ଶିମିଳିପାଳ, ଜଳବାୟୁ ଉପରେ କିପରି ପ୍ରଭାବ ପକାଉଛି ସେ ସମ୍ପର୍କରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଏକ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାପରେ ବିଦ୍ୟାଳୟର



ସହକାରୀ ଶିକ୍ଷକ ଉଦ୍ଧବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସ୍ୱେଚ୍ଛାସେବି ନିତ୍ୟନନ୍ଦ ଥାନପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ, ଭାଷଣବାଜିରେ ନୁହେଁ ଅଭ୍ୟାସରେ ପରିବର୍ତ୍ତନ ହିଁ ଜଣେ ସଚେତନ ମଣିଷର ପ୍ରକୃତ ପରିଚୟ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାସନ୍ତିଲତା ହେମ୍ବ୍ରମ, ଶୁଭଲକ୍ଷ୍ମୀ ବିନ୍ଧାଣି, ଦୀପକ କୁମାର ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ସହିତ ପରିବେଶର ସୁରକ୍ଷା ପାଇଁ ଆମକୁ କଣ କରିବାକୁ ପଡ଼ିବ ବିସ୍ତୃତ ବର୍ଣ୍ଣନା କରିଥିଲେ । ମଂଚର ସଦସ୍ୟ କୈଳାସ ନାୟକ ଓ ସୁବ୍ରତ ମହାନ୍ତି ପଲିଥିନର ବ୍ୟବହାର ପରିବେଶ ପ୍ରତି କିପରି ଭୟଙ୍କର ବିପଦ ଡ଼ାକି ଆଣୁଛି ବ୍ୟକ୍ତ କରିବା ସହ ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ ବୋଲି ବ୍ୟକ୍ତ କରିଥିଲେ । ସୁଦର୍ଶନ ଦଳେଇ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆୟୋଜିତ କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହାପରେ ପ୍ରବନ୍ଧ ଲିଖନରେ କୃତି ପ୍ରତିଯୋଗୀ ଯଥା-ତେଜସ୍ୱିନି ମହାନ୍ତ, ନବକିଶୋର ସୋରେନ୍, ପ୍ରଧାନ ଟୁଡ୍ଡୁ, କିର୍ତିରାଣି ମହାନ୍ତ, ରସ୍ମିତା ଦେହୁରି ପ୍ରମୁଖଙ୍କୁ ମଂଚ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ପୁରସ୍କୃତ କରାଯାଇଥିଲା । କାରୁକର ମୁର୍ମୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହିତ କର୍ମଶାଳାର ଯବନିକା ପକାଇଥିଲେ ।

# ମାଣତ୍ରୀ ମହାଶିବରାତ୍ରୀ ମେଳା ପ୍ରସ୍ତୁତି ବୈଠକ

ବଡସାହି , ୩୦/୧ (ନି.ପ୍ର): ଆସନ୍ତା ଫେବୃୟାରୀ ୧୫ ତାରିଖ ମହାଶିବରାତ୍ରୀ । ତେଣୁ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବଡସାହି ବ୍ଲକ୍ ଅଧୀନ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ପ୍ରସିଦ୍ଧ ମହାଶିବରାତ୍ରୀ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସଦର ଉପ ଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡା, ତହସିଲଦାର କରୁଣାକର ଧିନ୍ଦା, ଉପଖଣ୍ଡ ପୁଲିସ ଅଧିକାରିଣୀ ମିନତୀ ବିଶ୍ୱାଳ, ମାଣତ୍ରୀ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସହକାରୀ ଯନ୍ତ୍ରୀ, ବିଦ୍ୟୁତ ବିଭାଗର ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ୍ନ ବିଭଗର ଅଧିକାରୀ, ପିଡବ୍ଲୁଡି, ଗ୍ରାମ୍ୟ ଉନ୍ନୟନ, ଆରଡବ୍ଲୁଏସଏସ ଯନ୍ତ୍ରୀ, ଅବକାରୀ, ଅଗ୍ନିଶମ ଅଧିକାରୀ, ସ୍ଥାନୀୟ ସରପଂଚ, ନାଏବ ସରପଞ୍ଚ, ପଟ୍ଟାଦାର ଓ ସେବାୟତମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଛନ୍ତି । ପ୍ରାରମ୍ଭରେ ମନ୍ଦିର ପରିଛା ପ୍ରଦୀପ କୁମାର ପଣ୍ଡା ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ମେଳାକୁ କିପରି ସରସ ସୁନ୍ଦର କରାଯାଇ ପାରିବ ତା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏକବାର ଠାରୁ ଶିବରାତ୍ରୀ ମହାଦୀପ ଉଠିବା ପର୍ଯ୍ୟନ୍ତ ବ୍ରତୀମାନଙ୍କର ସୁରକ୍ଷା, ନିଃଶୁଳ୍କ ସ୍ଥାନ ନିରୂପଣ, ଅପରାଧ ନିୟନ୍ତ୍ରଣ ପାଇଁ ମନ୍ଦିର ପରିସରରେ ସିସି ଟିଭି କ୍ୟାମେରା ଲଗାଇବା, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା, ପୁଲିସ, ସ୍ୱେଚ୍ଛାସେବୀଙ୍କ ସେବା, ପିଇବା ପାଣି, ମନ୍ଦିର, ମେଳା ପଡିଆ ଓ ବଗିଚା ସଫେଇ, ବ୍ୟାରିକେଡ ନିର୍ମାଣ, ପଂଚାୟତରେ ଥିବା ସମସ୍ତ କୂପ ଓ ନଳକୂପ ମରାମତି, ବ୍ଲିଚିଂରେ ଶୋଧନ ସହିତ ଅସ୍ଥାୟୀ ପାଇଖାନା ଓ ପରିଶ୍ରାଗାର ନିର୍ମାଣ, ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲାନ୍ସ ଓ ଦମକଳ ସେବା ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ଟ୍ରାଫିକ ବ୍ୟବସ୍ଥା ପାଇଁ ମାଣତ୍ରୀ ଛକରୁ ଚମ୍ପାନାଞ୍ଜି ମଧ୍ୟରେ ସମସ୍ତ ଯାନ ଚଳାଚଳ ନିଷିଦ୍ଧ କରାଯିବା ସହିତ ପାର୍କିଙ୍ଗ ବ୍ୟବସ୍ଥା କରାଯାଇଛି । ଏତଦବାଦ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମନ୍ଦିରର ରଙ୍ଗ ଓ ସୌନ୍ଦର୍ଯ୍ୟକରଣ କାମ, ବେଢା, ମେଜିଆ, ନେତ୍ର ନାଲୁଆ, ରୋଷଶାଳ ମରାମତି ଶିବରାତ୍ରୀ ମେଳା ପୂର୍ବରୁ ସାରିବାକୁ ଗ୍ରାମ୍ୟ ଉନ୍ନୟନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଶିବରାତ୍ରିରେ ଶତାଧିକ ଦଣ୍ଡବତୀ ଦଣ୍ଡ ପଡି ରାସ୍ତାରେ ଆସୁଥିବାରୁ ଭକ୍ତଙ୍କ ଭାବାବେଗକୁ ଆଖିରେ ରଖି ମନ୍ଦିରକୁ ସଂଯୋଗ କରୁଥିବା ବେତନଟୀ-ମାଣତ୍ରୀ ଆରଡି ରାସ୍ତାର ଦୁର୍ଗାପୁର ଠାରୁ ଚମ୍ପାନାଞ୍ଜି ପର୍ଯ୍ୟନ୍ତ ତୁରନ୍ତ ମରାମତି ପାଇଁ ଉପଜିଲ୍ଲାପାଳ ଉଦଳା ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମେଳା କମିଟି ପକ୍ଷରୁ ସ୍ଥାନ ଆବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଚଳିତ ଥର ମେଳାରେ ଯାତ୍ରାନୁଷ୍ଠାନ ଓଁକାର ଓ ଗ୍ରାଣ୍ଡମହଲ ପର୍ଯ୍ୟାୟକ୍ରମେ ସାତଦିନ ସେମାନଙ୍କ ନାଟକ ପରିବେଷଣ କରିବେ ।

## କୋଟିଆରେ ବେଆଇନ୍ ଅନୁପ୍ରବେଶ କଲେ କାର୍ଯ୍ୟାନୁଷ୍ଠାନ - ସୁରେଶ ପୂଜାରୀ

ଭୁବନେଶ୍ୱର, ୩୦/୧ (ନି.ପ୍ର): କୋଟିଆରେ ବେଆଇନ୍ ଅନୁପ୍ରବେଶ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଦୀର୍ଘ ଦିନରୁ ଆନ୍ଧ୍ରପ୍ରଦେଶ ତାର ଏଭଳି ଆଭିମୁଖ୍ୟ ଦେଖାଉଛନ୍ତି । ସୀମା ଅତିକ୍ରମ କରି କୋଟିଆ ଲୋକଙ୍କୁ ପ୍ରଭାବିତ କରୁଛନ୍ତି । ସବୁ ବିଭାଗର ଅଧିକାରୀଙ୍କୁ କହିଛୁ ଲୋକଙ୍କର ଯାହା ଆବଶ୍ୟକ ଅଛି ଦିଆଯିବ । ବାଧ ବାଧକତାରେ ଲୋକଙ୍କୁ ସାହାଯ୍ୟ କରୁଛନ୍ତି ଆନ୍ଧ୍ର । ମାଉସୀ ହୋଇ ସାହାଯ୍ୟ କରୁଛି, ଆମେ ମା' ଭଳି କରୁଛୁ । କୋଟିଆର ବିକାଶ ପାଇଁ ପୂର୍ଣ୍ଣକାଳୀନ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି । ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେଉଛି । ଲୋକ ଓ ସ୍ଥାନୀୟ ପ୍ରଶାସନ ଆନ୍ଧ୍ର ପ୍ରଦେଶର ଉଦ୍ଦେଶ୍ୟକୁ ପଣ୍ଡ କରୁଛନ୍ତି. ଲୋକ ସତର୍କ ଅଛନ୍ତି । ବେଆଇନ ଅନୁପ୍ରବେଶ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ । କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ । କେହି ଅଲଗା କରିପାରିବେନି । ସ୍ୱତନ୍ତ୍ର ପ୍ରଜେକ୍ଟ ଦିଆଯାଉଛି । ପର୍ଯ୍ୟଟନ , ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରାଯାଉଛି । ଅତୀତରେ ପୂର୍ବ ସରକାର ଠିକ ଯୁକ୍ତି ରଖି ନାହାନ୍ତି ।

# ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳିତ

ଖୋର୍ଦ୍ଧା , ୩୦/୧ (ନି.ପ୍ର): ଖୋର୍ଦ୍ଧା ମାଟି ବୀରତ୍ୱର ମାଟି । ଏ ମାଟିରେ ଅନେକ ସଂଗ୍ରାମୀ ପ୍ରାଣ ବଳି ଦେଇ ସ୍ୱାଧୀନତା ସଂଗ୍ରାମର ଇତିହାସ ରଚିଛନ୍ତି । ସେହିପରି ସମଗ୍ର ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମ ଲୋମହର୍ଷଣାରୀ ରୋମାଞ୍ଚକର । ଦୁର୍ଦ୍ଦଶ ଅନ୍ୟାୟ ବ୍ରିଟିଶ ଇଂରେଜ ଶାସନ କବଳରୁ ବହୁ ଯୋଦ୍ଧା, ବୀର ସେମାନଙ୍କର ପ୍ରାଣବଳିଦେଇ ଇଂରେଜ ସରକାରଙ୍କ ବର୍ବର ଶାସନକୁ ଦୋହଲାଇଦେଇଥିଲା । ମହାନ ବିପ୍ଳବୀ, ଯୋଦ୍ଧା, ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ଶୁଖଦେବ ଥାପର, ଶିବରାମ ରାଜଗୁରୁ ଭଳି ଯୋଦ୍ଧା ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖରେ ନିଜ ଜୀବନକୁ ଫାଶୀ ଖୁଣ୍ଟରେ ଉତ୍ସର୍ଗ କରିଥିଲେ । ସେହି ପରି ଜାତିର ଜନକ ଜାତୀୟ ପିତା ମହାତ୍ମା ଗାନ୍ଧୀ ମଧ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଶହୀଦ ହୋଇ ସ୍ୱାଧୀନତା ସଂଗ୍ରାମର ଅମର ଗାଥା ବହନ କରୁଛନ୍ତି ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଶହୀଦ ଦିବସ ପାଳନ ଉପଲକ୍ଷେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଉପୋରକ୍ତ ବିଷୟ ପ୍ରକାଶ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ବୀର ଶହୀଦ ମାନଙ୍କ ଅମର କର୍ତ୍ତବ୍ୟର ଗାଥା ବର୍ଣ୍ଣନା କରି ପୂର୍ବାହ୍ନ ୧୧ ଘଟିକାରୁ ୧୧ଘଟିକା ୨ମିନିଟ ପର୍ଯ୍ୟନ୍ତ ନୀରବ ପ୍ରାର୍ଥନା ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଉପବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କୁ କରାଇ ବୀର ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସଭାରେ ଡେପୁଟୀ କଲେକ୍ଟର, ରାଜସ୍ୱ ନିବେଦିତା ପରିଡ଼ା,ଭୁ ଅର୍ଜନ ଅଧିକାରୀ କ୍ରିଷ୍ଣା କୁମାର ଜେନା, ଡେପୁଟୀ କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସମସ୍ତ ଟି ଆର ଓ , ସମସ୍ତ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଅନୁରୂପ ଭାବେ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଙ୍କ ପୌରହିତ୍ୟରେ, ଜିଲ୍ଲା ମୁଖ୍ୟ ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ପୌରହିତ୍ୟରେ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡ ଗଜାନନ ଦୟାନନ୍ଦ ଙ୍କ ପୌରହିତ୍ୟରେ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ପୌରହିତ୍ୟରେ ନିଜସ୍ୱ କାର୍ଯ୍ୟାଳୟ ସହ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ଓ ବ୍ୟାଙ୍କ କାର୍ଯ୍ୟାଳୟ ଏବଂ ପ୍ରତ୍ୟେକ କାର୍ଯ୍ୟାଳୟରେ ଶହୀଦ ଦିବସ ନୀରବ ପ୍ରାର୍ଥନା ପାଳନ କରାଯାଇଅଛି ।

# ଜଳବାୟୁ ସ୍ଥିରତା ବୃଦ୍ଧି ପାଇଁ ଓଡ଼ିଶା ପକ୍ଷରୁ କୃଷି କ୍ଷେତ୍ରରେ ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମର ଆରମ୍ଭ

ଭୁବନେଶ୍ୱର, ୩୦/୧ (ନି.ପ୍ର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆଜିର କର୍ମଶାଳାରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅନ୍ତର୍ଗତ ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ମରୁଡ଼ି ପ୍ରବଣ ଜିଲ୍ଲାଗୁଡ଼ିକରେ ଜଳବାୟୁ ସ୍ଥିରତା ଆଣିବା, ଉତ୍ପାଦନରେ ବୃଦ୍ଧି ଓ ଫସଲ ବିବିଧିକରଣକୁ ପ୍ରୋତ୍ସାହିତ କରିବା । କୃଷି ଓଡ଼ିଶା - ୨୦୨୬ ଅବସରରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । କୋମନା (ନୂଆପଡ଼ା), କୋଷାଗୁମୁଡା (ନବରଙ୍ଗପୁର), ଏବଂ ରରୁଆଁ (ମୟୂରଭଞ୍ଜ) ବ୍ଲକରେ କାର୍ଯ୍ୟକାରୀ ହୋଇଥିବା, ଓଡ଼ିଶା କୃଷି କ୍ଷେତ୍ରରେ ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଆଦିବାସୀ, ମହିଳା ଏବଂ ଯୁବ ଚାଷୀଙ୍କୁ ସଶକ୍ତ କରିବା ଲକ୍ଷ୍ୟ ରଖିଛି । ବୈଷୟିକ ସହାୟତାରେ, ୧୪୧.୫୦ କୋଟିର ଏହି ପଦକ୍ଷେପ ପ୍ରାୟ ୨୪,୦୦୦ ପରିବାରକୁ ଲାଭ ପହଞ୍ଚାଇବ, ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବ ଏବଂ ପ୍ରବାସ ହ୍ରାସ କରିବ । ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ସକ୍ରିୟ ମରୁଡ଼ି ପରିଚାଳନା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଜୀବନ ଜୀବିକା ସୁରକ୍ଷା ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଜଳବାୟୁ ସ୍ଥିରତା ନିହାତି ଜରୁରୀ ।

# କଳାଭୂମି ପକ୍ଷରୁ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର 'ସାହିତ୍ୟ ଉତ୍କର୍ଷ ସମ୍ମାନ'ରେ ସମ୍ବର୍ଦ୍ଧିତ

ବାଲେଶ୍ୱର, ୩୦/୧ (ନି.ପ୍ର): ଭୁବନେଶ୍ୱରର ଜୟଦେବ ଭବନ ଠାରେ କଳାଭୂମି ଆନୁକୂଲ୍ୟରେ ଏକ ସାରସ୍ୱତ ଉତ୍ସବ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପ୍ରାପ୍ତ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା କହିଥିଲେ ଯେ ବର୍ତ୍ତମାନ ସମୟରେ ଯୁବପିଢୀ ଅଧିକ ସାହିତ୍ୟମନସ୍କ ହେବା ଉଚିତ । ଭାଷା ସାହିତ୍ୟର ଉତ୍କର୍ଷତା ପାଇଁ ନିରବଚ୍ଛିନ୍ନ



ଭାବେ କାର୍ଯ୍ୟ କରି ଆସୁଥିବା ବିନ୍ଧାଣୀ ଯୁଗଶ୍ରୀ ଯୁଗନାରୀ ମାସିକ ସାହିତ୍ୟ ଓଡ଼ିଆ ପତ୍ରିକାର ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ରଙ୍କୁ ସାହିତ୍ୟ ଉତ୍କର୍ଷ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୩୬, ବିକଶିତ ଓଡ଼ିଶା ପାଇଁ ଭାଷା ସାହିତ୍ୟର ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଏଥି ସହ କବିତା ଓ ଶାସ୍ତ୍ରୀୟ ସଙ୍ଗୀତର ଯୁଗଳବନ୍ଦୀ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ତରଫରୁ ଶହୀଦପାର୍କରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୩୦/୧ (ନି.ପ୍ର): ଜାତିର ଜନକ ଅହିଂସା ବିଚାରଧାରାର ପ୍ରବର୍ତ୍ତକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ସ୍ମୃତି ଶ୍ରଦ୍ଧାଞ୍ଜଳି ପାଇଁ ତା ୩୦-୦୧-୨୦୨୬ ସକାଳେ ସିନେମାଛକସ୍ଥିତ ଶହୀଦ୍ ପାର୍କଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସମାଜସେବୀ ସୁରେନ୍ଦ୍ରନାଥ ପଣ୍ଡା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଆଜିର ଦିନ କେବଳ ଭାରତବର୍ଷ ନୁହେଁ ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲା, ଯେତେବେଳେ ଅହିଂସାର ପୂଜାରୀ ଗାନ୍ଧିଜୀଙ୍କୁ ପ୍ରାର୍ଥନା ସଭାକୁ ଯିବାବେଳେ ଆତତାୟୀ ଗଡ଼ସେ ଗୁଳିମାରି ହତ୍ୟା କରିଥିଲେ । ସମଗ୍ର ବିଶ୍ୱ ଗାନ୍ଧୀଜୀଙ୍କ ବିଚାରଧାରାକୁ ସର୍ବଶ୍ରେଷ୍ଠ ବୋଲି ମାନିଥିବାବେଳେ ତାଙ୍କ ଆଦର୍ଶରେ ବିଶ୍ୱରେ ଶାନ୍ତିପ୍ରତିଷ୍ଠା ହୋଇପାରିବ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ




ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆବାହକ ମଣ୍ଡଳୀର ସଦସ୍ୟ, ମହମ୍ମଦ ଇସ୍‌ଲାମ, ପ୍ରତିମା ପଣ୍ଡା, ଜିତେନ୍ଦ୍ର ଉପାଧ୍ୟାୟ ଏବଂ ସକ୍ରିୟ କର୍ମକର୍ତ୍ତା, ଭଗବାନ ମୋହନୀ, ଆଶ୍ରିତା ତରେଇ, ରାମେଶ୍ୱର ବେହେରା, କଲ୍ୟାଣୀ ନନ୍ଦ, ସାକିଲା ବାନୋ, ପୁଷ୍ପଲତା ଚାଟାର୍ଜୀ, ମୀନତି ସେଠୀ, ଶାନ୍ତି ବିଶି, ସତ୍ୟେନ୍ଦ୍ର ଦାସ, ଶାନ୍ତନୁ କୁମାର ଦାସ, ପ୍ରତାପ ସିଂହ, ଅନୁପ ସ୍ୱାଇଁ, ଦିଲ୍ଲୀପ ଚକ୍ରବର୍ତ୍ତୀ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଞ୍ଚାୟତ ନିର୍ବାଚନ...

ଏବେଠୁ ପ୍ରସ୍ତୁତ ନହେଲେ କଥା ସରିଲା । ପଞ୍ଚାୟତ ପରୀକ୍ଷାରେ ଫେଲ୍ ହେଲେ ଦଳର ସାଙ୍ଗଠନିକ ଦୁର୍ବଳତା ପଦାରେ ପଡିବା ସହ ଲୋକଙ୍କ ସରକାର ଲୋକପ୍ରିୟ ନଥିବାର ବାର୍ତ୍ତା ଯିବ । ତେଣୁ ଏଭଳି ସାର୍ଟିଫିକେଟ ନେଇ ସାଧାରଣ ନିର୍ବାଚନକୁ ଓହ୍ଲାଇବାକୁ ଚାହିଁବନି ଦଳ । ତେଣୁ ବିଧାୟକ ଓ ସାଂସଦଙ୍କୁ ପଞ୍ଚାୟତ ଦାୟିତ୍ୱ ବଣ୍ଟାଯାଇଛି । ପ୍ରାର୍ଥୀ ଚୟନ ନେଇ ଦଳୀୟ ସ୍ତରରେ କସରତ ଆରମ୍ଭ ହୋଇଛି । ଜିଲ୍ଲା ପରିଷଦ ଆସନକୁ ଟାର୍ଗେଟ୍ କରିଛି ଦଳ । ଶାସକ ବିଜେପିର ସଜବାଜ ଭିତରେ ବିରୋଧୀ ବିଜେଡି ମଧ ପଞ୍ଚାୟତ ନିର୍ବାଚନ ପାଇଁ ପାଗ ଭିଡ଼ିଛି । ଦଳର ସୁପ୍ରିମୋ ପାଳି ପାଳି କରି ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ଡାକି ସଙ୍ଗଠନକୁ ସୁଦୃଢ କରିବାକୁ ରଣନୀତି କରୁଛନ୍ତି । ବିଜେଡିର ଭୟ, ଏବେଠୁ ସଙ୍ଗଠନକୁ ନ ସଜାଡ଼ିଲେ ପାରମ୍ପରିକ ଗଡ଼ ଭୁଶୁଡ଼ିଯିବ । ଦଳୀୟ ନେତାଙ୍କ ମଧ୍ୟରେ ଫାଟକୁ ଯୋଡିବାକୁ ପଞ୍ଚାୟତ ନିର୍ବାଚନ ବିଜେଡି ପାଇଁ ଅଗ୍ନିପରୀକ୍ଷା ଠାରୁ କମ ହେବନି । ସେହିଭଳି ଜିଲ୍ଲାୱାରୀ ବୁଲି କଂଗ୍ରେସର ସଂଗଠନକୁ ସଜାଡିବାକୁ ଉଦ୍ୟମ ଚଳାଇଛନ୍ତି ପିସିସି ମୁଖିଆ । ସାଧାରଣ ନିର୍ବାଚନ ଓ ନୂଆପଡା ଉପ-ନିର୍ବାଚନରେ ପରାଜୟ ପରେ ପଞ୍ଚାୟତ ପରୀକ୍ଷାରେ ପାସ୍ ହେବା ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ।ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିବ ଅସଲ ଲଢେଇ । ତୃଣମୂଳସ୍ତରରେ କାହାର ଦବଦବା ରହିଛି ତାହାର ପ୍ରମାଣପତ୍ର ସାଜିବ ପଞ୍ଚାୟତ ପରୀକ୍ଷା ।

### ସେନା ଓ ସି ଜିନପିଙ୍ଗଙ୍କ...

କିଲୋମିଟର ଦୂରରେ ଥିବା ତିଆନଜିନର ଉକିଙ୍ଗ ଜିଲ୍ଲା ଅଞ୍ଚଳ ଦେଇ ସାମରିକ ଯାନବାହନ ଏବଂ କନଭୟ ଗତି କରୁଥିବା ଦେଖାଯାଉଛି । ରାଜଧାନୀର ସମ୍ବେଦନଶୀଳ ଅଞ୍ଚଳରେ ପିପୁଲ୍ସ ଆର୍ମଡ୍ ପୁଲିସର ସ୍ୱତନ୍ତ୍ର ୟୁନିଟ୍, ବିଶେଷକରି ଏଲିଟ୍ ପାଟ୍ରୋଲ୍ ସ୍କ୍ୱାଡ୍ର ବୃଦ୍ଧି କରାଯାଇଥିବା ରିପୋର୍ଟ ମଧ ରହିଛି । କିଛି ରିପୋର୍ଟରେ ମେଟ୍ରୋ ସେବାର ସାମାନ୍ୟ ବନ୍ଦ, ସାମରିକ କୋଠାଗୁଡ଼ିକୁ ସିଲ୍ କରିବା ଏବଂ ବରିଷ୍ଠ ସାମରିକ ଅଧିକାରୀଙ୍କ ଗତିବିଧି ଓ ଯୋଗାଯୋଗ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି । ସମସ୍ତ ପାଞ୍ଚଟି 'ପିଏଲଏ' ଥିଏଟର କମାଣ୍ଡ ପାଇଁ ସରକାରୀ ୱେବୋ ଆକାଉଣ୍ଟ ବନ୍ଦ କରାଯିବା ସନ୍ଦେହକୁ ଆହୁରି ବଢ଼ାଇ ଦେଇଛି । ଜାନୁଆରୀ ୨୪ ତାରିଖରେ, ଚୀନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ନିଶ୍ଚିତ କରିଥିଲା ଯେ ଅନେକ ବରିଷ୍ଠ ପିଏଲଏ ଅଧିକାରୀ ତଦନ୍ତାଧୀନ ଅଛନ୍ତି, ଯେଉଁଥିରେ ଶୀର୍ଷ ସ୍ତରର କିଛି ପ୍ରମୁଖ ବ୍ୟକ୍ତି ମଧ ସାମିଲ ଅଛନ୍ତି । ଏହି ଖବର ସାମରିକ ବାହିନୀ ଭିତରେ ଅଶାନ୍ତି ସୃଷ୍ଟି କରିଛି ।

# ଭଦ୍ରକରେ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ

ଭଦ୍ରକ , ୩୦/୧ (ନି.ପ୍ର): ମହାମାନବ ମହାତ୍ମାଗାନ୍ଧୀଙ୍କର ୭୮ତମ ମହାପ୍ରୟାଣ ଦିବସ ଭଦ୍ରକ ମହାତ୍ମାଗାନ୍ଧୀ ବିଚାରମଞ୍ଚ ଦ୍ୱାରା ସ୍ଥାନୀୟ ଶହୀଦ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାବେଶରେ ବିଚାର ମଞ୍ଚର ସ୍ଥାୟୀ ସଭାପତି ଶ୍ରୀ ଶାନ୍ତନୁ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ । ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଜିଲ୍ଲାପାଳ ଦିଲୀପ କୁମାର ରାଉତରାୟ, ବିଧାୟକ ସଂଜୀବ କୁମାର ମଲ୍ଲିକ, ଡ଼. ବେଣୁଧର ପାଢ଼ୀ, ଡ଼. ବାସନ୍ତୀ ମହାନ୍ତି । ସଂବର୍ଦ୍ଧିତ ପ୍ରତିଭା ଭାବରେ ଯୋଗଦାନ କରିଥିଲେ ଡ଼. ଶଶଧର ମେଦିନ ସିଂହ ମହାପାତ୍ର ଓ ଶ୍ରୀ ଅକ୍ଷୟ କୁମାର ସେଠୀ । ଆରମ୍ଭରେ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣରେ ଅଧ୍ୟାପକ ଶଶୀକାନ୍ତ ପାଢ଼ୀ କରିଥିବା ବେଳେ ପ୍ରଫେସର ନାସିର ବକ୍ସ ସ୍ୱାଗତ ଭାଷଣ ଓ ସାହିତ୍ୟିକ ହରମୋହନ କୁଅଁର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀ ଗଣ ଗାନ୍ଧୀଜୀଙ୍କର ପ୍ରିୟ ଭଜନ "ବୈଷ୍ଣବ ଜନକୋ" ପରିବେଷଣ କରିଥିଲେ ଏବଂ ଯୁଗ୍ମ ସଂପାଦକ ତ୍ରୈଲୋଚନ ବେହୁରିଆ ସଂପାଦକୀୟ ଉପସ୍ଥାପନ କରିଥିଲେ । ଡ଼. ଶଶଧର ମେଦିନି ସିଂହ ମହାପାତ୍ର ଓ ଅକ୍ଷୟ କୁମାର ସେଠୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ମୁକ୍ତିକାନ୍ତ ଗୋସ୍ୱାମୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମହାତ୍ମାଗାନ୍ଧୀ ଜୀବନୀ ସମ୍ବଳିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କୋଷାଧ୍ୟକ୍ଷ କରୁଣାକର ଉପାଧ୍ୟାୟ । ସଂବର୍ଦ୍ଧନା ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ ବାବୁଲାଲ ଦାସ ଓ ସ୍ନେହଲତା ବେହେରା । ଏହି କାର୍ଯ୍ୟରେ ସହଯୋଗ କରିଥିବା ବ୍ୟକ୍ତି ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ କୁମାର ନାୟକ, ଆଦିତ୍ୟ ନାୟକ, ଆଦିତ୍ୟ ଗୋସ୍ୱାମୀ, ରମାକାନ୍ତ ନାୟକ, ପରମାନନ୍ଦ ସାହୁ, ବିବେକାନନ୍ଦ ମୁଖାର୍ଜୀ, ବିଚିତ୍ରାନନ୍ଦ ମହାନ୍ତି, ଭାସ୍କର ନାୟକ, ମନୋରଂଜନ ଦାସ, ବସୁମିତ୍ରା ସାହୁ, ଗୋବର୍ଦ୍ଧନ ସାମଲ, ଗୟାଧର ପଣ୍ଡା, ଅଶୋକ ଦାସ, ବାଦଲ କିଶୋର ମହାପାତ୍ର, ବାବୁଲା ରାଉତ । କବିତା ପାଠରେ ସହଯୋଗ କରିଥିଲେ ଡ଼ାକ୍ତର ଅନିଲ ଦାସ, ଗୌରାଙ୍ଗ ଚନ୍ଦ୍ର ବାରିକ ଏବଂ ମଞ୍ଚ ଆମନ୍ତ୍ରଣ କରିଥିଲେ ସମାଜସେବୀ କାଳନ୍ଦୀ ମଲ୍ଲିକ । ସଭାପତିଙ୍କର ଅଭିଭାଷଣ ପରେ ଯୁଗ୍ମ ସଂପାଦକ ମଦନ ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସଭାଶେଷରେ ଭଦ୍ରକ କୃଷ୍ଣାଶ୍ରମ ସମେତ ଉପସ୍ଥିତ ଗାନ୍ଧୀ ପ୍ରେମୀମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା ।

# ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଜଳେଶ୍ୱର , ୩୦/୧ (ନି.ପ୍ର): ଶୁକ୍ରବାର ପୂର୍ବାହ୍ନ ୯ ଘଟିକା ସମୟରେ ଜଳେଶ୍ୱର ବ୍ଲକ୍ ଶିଖରପୁର ପଞ୍ଚାୟତ ଅଧୀନସ୍ଥ ପଞ୍ଚାୟତ ଅଫିସ ପରିସରରେ ଗାନ୍ଧୀ ଙ୍କ ତିରୋଧାନ ତଥା ସହିଦ ଦିବସ ଅବସରରେ ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଛି । ଏଥିରେ ସଭାପତିତ୍ୱ କରିଥିଲେ ବିପିନ ବିହାରୀ ବିଶ୍ୱାଳ, ଦିଗମ୍ବର 1ଦେବୀ ଶିକ୍ଷାନୁଷ୍ଠାନ ସମୂହ ର ଅଧ୍ୟକ୍ଷ ଡଃ ଅଜିତ କୁମାର ମହାନ୍ତି, ପ୍ରାକ୍ତନ ସି ଇ ଓ ଶରତ ଚନ୍ଦ୍ର



ପରିଡା, ସରପଞ୍ଚ ବିଦ୍ୟାଧର ମଲ୍ଲିକ,ଅତୁଲ କୁମାର ଓଝା, ବଳରାମ ଓଝା, ରାମଚନ୍ଦ୍ର ଜେନା,ପି ଇ ଓ ଜୀବନ କୁମାର ଦାସ,ଏ ଡି ଇ ଓ ସଞ୍ଜୟ କୁମାର ପ୍ରଧାନ, ମୃତ୍ୟୁଞ୍ଜୟ ବେହେରା, ଲିପ୍ସା ଦାସ, ସବିତା ବେହେରା,ସୁଶାନ୍ତ କୁମାର ଗିରି, ସୁବ୍ରତ କୁମାର ଗିରି ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ । ଏବଂ ଗାନ୍ଧୀ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ବକ୍ତବ୍ୟ ରଖିଥିଲେ । ଧନ୍ୟବାଦ ଅର୍ପଣ ବଳରାମ ଓଝା ।

# କୃପାସିନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୫ ତମ ବାର୍ଷିକ ଉତ୍ସବ



ବାସୁଦେବପୁର, ୩୦/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମୁଣ୍ଡା କୃପାସିନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୫ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସତ୍ୟଭାମା ସେଠୀ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବ୍ଲକ ବିଡିଓ ତନ୍ମିତା କର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ତୃପ୍ତି ମହିଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ମଣ୍ଡଳ ସହ ଶିକ୍ଷା ଅଧିକାରୀ ତପନ କୁମାର ଦିବେଦ୍ଦୀ, କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପରେଶ କୁମାର ଦାସ, ବାଲିମୁଣ୍ଡା ପଞ୍ଚାୟତ ସରପଞ୍ଚ ନମିତା ଦାସ, ସମିତି ସଭ୍ୟା ଛବିରାଣୀ ମାଇତି, ବାଲିମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ଧଳ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ କୁମାର ଦଳାଇ । ସମସ୍ତ ଅତିଥି ଶିକ୍ଷା, ଧର୍ମ,ସାହିତ୍ୟ କଳା,ସଂସ୍କୃତି ସମ୍ପର୍କରେ ଖୁବ୍ ସୁନ୍ଦର ଓ ମନଛୁଆଁ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷୟତ୍ରୀ ସୁବାସିନି ପଣ୍ଡା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଶିକ୍ଷକ ସନାତନ ପଢ଼ିଆରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଗୌତମ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଶନିବାର, ୩୧ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ନବକୁଞ୍ଜ ନାମ ମହାଯଜ୍ଞ

ବାସୁଦେବପୁର, ୩୦/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆନ୍ଦୋଳା ଗ୍ରାମ ପଞ୍ଚାୟତରେ ଶ୍ରୀ ଶ୍ରୀ ଶ୍ରୀପାଦ ମହାନନ୍ଦ ଦାସ ବାବାଜୀ ମହାରାଜ ନଣ୍ଡା ବାବା ଙ୍କ ଅସୀମ କୃପା ଓ ସାଧୁ ସନ୍ଥ ମାନଙ୍କର ଆଶୀର୍ବାଦରେ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ତୃତୀୟ ବାର୍ଷିକ ବିଶ୍ୱ ଶାନ୍ତି ନବକୁଞ୍ଜ ନାମ ମହାଯଜ୍ଞ ଯଥା ବିଧି ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ମୁରଲୀଧର ନାୟକ, ସମ୍ପାଦକ କୃପାସିନ୍ଧୁ ବାରିକ୍, ସଦସ୍ୟ ପରମାନନ୍ଦ ବିଶ୍ୱାଳ, ଆଦିକନ୍ଦ ବାରିକ୍, ଜଗବନ୍ଧୁ ଖିଲାର, ପୀତାମ୍ବର ସାହୁ, ମାନସ ବାରିକ୍, ଖଗେଶ୍ୱର ମିଶ୍ର, ଶରତ କୁମାର ସାହୁ, ପ୍ରତାପ ବାରିକ୍,ହେମନ୍ତ ପାଢ଼ୀ,କୋଷାଧ୍ୟକ୍ଷ ବଳରାମ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ଏହି ଉତ୍ସବ ଫେବୃଆରୀ ଚବିଶ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ମାର୍ଚ୍ଚ ମାସ ତିନି ତାରିଖରେ ଶେଷ ହେବ। ପ୍ରତ୍ୟେକ ଦିନ ଭଜନ,କୀର୍ତ୍ତନ,ପ୍ରବଚନ ଓ ନାମ ଯଜ୍ଞ କାର୍ଯ୍ୟକ୍ରମ ଚାଲୁ ରହିଛି। ଭଜ ନିତାଇ ଗୌର ରାଧେଶ୍ୟାମ, ଜପ ହରେକୃଷ୍ଣ ହରେରାମ ନାମରେ ଏହି ପବିତ୍ର ମାଟି ଓ ଆଧ୍ୟାତ୍ମିକ ପରିବେଶରେ ହଜାର ହଜାର ଭକ୍ତ ମାନେ ମନ୍ତ୍ର ମୁଗ୍ଧ ହୋଇଥିଲେ। ଏହି ଉତ୍ସବରେ ଉପଦେଷ୍ଟା ଅଛନ୍ତି ଶ୍ରୀ ଶ୍ରୀ ସଚ୍ଚିଦା ନନ୍ଦ ଦାସ ବାବାଜୀ,ଝାଞ୍ଜିପଟା ମଠ, ପୁରୀ, ଶ୍ରୀ ଶ୍ରୀ ଶ୍ୟାମନନ୍ଦ ଦାସ ବାବାଜୀ ମହାରାଜ, ଦର୍ଖା ପାଟଣା ମଠ, କଟକ, ଶ୍ରୀ ଶ୍ରୀ ସନାତନ ଦାସ ବାବାଜୀ ମହାରାଜ,ଢେଙ୍କାନାଳ। ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତ ମାନେ ଯୋଗ ଦେଇଥିଲେ ଏବଂ ପ୍ରସାଦ ସେବନ କରିଥିଲେ।



# ଆଦିବାସୀ ମେଳି ଭୟରେ ଆଠଦିନ ପରେ ୩ ଶିକାରୀ ଗିରଫ ନେଇ ରେଞ୍ଜରଙ୍କ ସୂଚନା: ଉଠିଲା ପ୍ରଶ୍ନବାଚୀ




ନୀଳଗିରି , ୩୦/୧ (ନି.ପ୍ର): ଆଦିବାସୀ ଲୋକଙ୍କୁ ଶିକାରୀର ଆଖ୍ୟାଦେଇ କୁଲଡିହା ବନବିଭାଗ କିଛି ନିରୀହଲୋକଙ୍କୁ ଗିରଫକରି ଅମାନୁଷିକ ନିର୍ଯାତନାଦେବା ଏପରିକି ବିଦ୍ୟୁତ୍ କରେଣ୍ଟ ଦେବାସହ ଅପ୍ରାକୃତିକ ଯୌନସଂପର୍କ ରଖିବାକୁ ବାଧକରୁଥିବା ନେଇ ଆଦିବାସୀ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶପାଇବା ସହ ମେଳି ବାନ୍ଧିବାକୁ ଯୋଜନା କରିଥିବା ସୂଚନାପାଇବା ପରେ ବିବ୍ରତ ହୋଇପଡିଛନ୍ତି କୁଲଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରା। ଘଟଣାର ଭିନ୍ନମୋଡ଼ ଦେବାକୁ ଯାଇ ୨ଜଣ ବଜ୍ରକାପ୍ତା କାତି ବେପାରୀ ଆଖ୍ୟାଦେଇ ଗତ ଜାନୁଆରୀ ୨୨ତାରିଖ ଗୁହିରା ଛକ ନିକଟରେ ଗିରଫକରିଥିବା ବେଳେ ଆଜି ଆଉ ଜଣେକୁ ଗିରଫ କରିଥିବା ଗଣମାଧମକୁ ସୂଚନା ଦେଇଛନ୍ତି। ୮ଦିନ ଧରି ଗିରଫ ସୂଚନା ଲୁଚାଇରଖିବା ପଛରେ ଉଦ୍ଦେଶ୍ୟ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ନିରୀହ ଆଦିବାସୀ ଶେଷରେ ପ୍ରତିଶୋଧ ପରାୟଣ ହୋଇ ସେମାନଙ୍କର ପାରମ୍ପରିକ ସନ୍ଦେଶ (ଗଣ୍ଡି) ଗାଁ କୁ ଗାଁ ବୁଲିବାର ଖବରପାଇ ଏଭଳି ତଥ୍ୟ ପ୍ରଦାନ କରିଥିବା କୁହାଯାଇଛି। ତେବେ ଏହି ଗିରଫ ଘଟଣାରେ ୨୨ତାରିଖ ଦୁଇଜଣ ଏବଂ ଆଜି ଆଉଜଣେ ବଜ୍ରକାପ୍ତା କାତି ବେପାରୀଙ୍କୁ ଗିରଫକରି ବାହାବା ନେବାକୁ ଅପଚେଷ୍ଟା କରିଥିବା ସାଧାରଣଜନତା ସହଜରେ ହଜମ କରିପାରି ନାହାନ୍ତି। ଯେତେବେଳେକି ସେମାନଙ୍କ ନିକଟରୁ ମାତ୍ର ୪ଟି କାତି ସହିତ ୩ଟି ଛୁରୀ ସହ ମୋବାଇଲ ଜବତ କରିଥିବା ଜଣାଯାଇଛି। ତେବେ ଏହି ଘଟଣାରେ ଗିରଫ ସଂପୃକ୍ତ ଲୋକ ଏହି ଘଟଣାରେ ଅଭିଯୁକ୍ତ ନା ସେମାନଙ୍କୁ ଅଯଥାରେ ଗିରଫକରି ଉପରିସ୍ଥ ଅଧିକାରୀଙ୍କ ଗୁଡବୁକ୍ ରେ ରହିବାର ଏକ ଅଭିନବ ପରିକଳ୍ପନା ଥିଲା ବୋଲି ମତ ପାଉଛି।

# ୨କୋଟି ଟଙ୍କା ଚିଟଫଣ୍ଡ ଦୁର୍ନୀତି ମାମଲାରେ ଅଭିଯୁକ୍ତ ପଶ୍ଚିମବଙ୍ଗରୁ ଗିରଫ

ଭୁବନେଶ୍ୱର, ୩୦/୧ (ନି.ପ୍ର): ୨.୧ କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଫେରାର ଅଭିଯୁକ୍ତ ତନ୍ମୟ ମିର୍ଦ୍ଧାଙ୍କୁ ପଶ୍ଚିମବଙ୍ଗର ନଦିଆରୁ ଗିରଫ କରିଛି ସିବିଆଇ। କୋଲକାତାର ଏକ୍ସପ୍ରେସ୍ କଲଟିଭେସନ ଲିମିଟେଡ୍ ସଂସ୍ଥା ନିର୍ଦ୍ଦେଶକ ତନ୍ମୟ ମିର୍ଦ୍ଧା ଦୀର୍ଘ ଦିନ ଧରି ଫେରାର ଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୨୦ରେ ମାମଲା କରିଥିଲା ସିବିଆଇ। ସିବିଆଇ୨୦୨୨ରେ କଂପାନୀ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା । ତଦନ୍ତରେ ସହଯୋଗ ନ କରି ଫେରାର ଥିଲା ଅଭିଯୁକ୍ତ।

# ଇଫକୋ ପକ୍ଷରୁ ଜିଲ୍ଲାସ୍ତରୀୟ ଫୁଲ୍ ସ୍କେଲ୍ ମକ୍ ଏକ୍ସରସାଇଜ୍




ପାରାଦୀପ, ୩୦/୧ (ନି.ପ୍ର): ପାରାଦୀପସ୍ଥିତ ବିଶ୍ୱର ସର୍ବବୃହତ ସମବାୟଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ରାସାୟନିକ, ଜୈବିକ, ରେଡିଓଲୋଜିକାଲ ଓ ପାରମାଣବିକ ମକଡ୍ରିଲ୍ ଜିଲ୍ଲା ପ୍ରଶାସନ ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ, ଏନଡିଆରଏଫ, ପାରାଦୀପ ବନ୍ଦର, ସ୍ଥାନୀୟ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତରଳ ଆମୋନିଆ ଜାହାଜରୁ ପରିବହନ ସମୟରେ ଆମୋନିଆ ଗଛିତ ଥିବା ଟ୍ୟାଙ୍କ-ଡି ନିକଟରେ ନିର୍ଗତ ହେଉଥିବା ଖବର ଆସିଥିଲା । ଏହାକୁ ତୁରନ୍ତ ଦକ୍ଷତାର ସହିତ ଅନସାଇଟ୍‌ରେ ଇଫକୋ ପକ୍ଷରୁ ମତାମତି କରାଯାଇ ନିର୍ବାପିତ କରାଯାଇଥିଲା । ଯଦି ଭବିଷ୍ୟତରେ ଏହି ପରି ଆମୋନିଆ ନିର୍ଗତ ହୁଏ ତେବେ ଏହାକୁ କିପରି ତୁରନ୍ତ ଦକ୍ଷତାର ସହିତ ନିର୍ବାପନ କରାଯାଇ ପାରିବ ଏହି ନମୁନା ପ୍ରଦର୍ଶିତ ହୋଇଥିଲା । ଏହି ମକଡ୍ରିଲ୍ କାର୍ଯ୍ୟକ୍ରମରେ ପାରାଦୀପର ଡେପୁଟି କଲେକ୍ଟର ସୟେଦା ନୟେଲା, ଏଫ ଆଣ୍ଡବିର ସହକାରୀ ନିର୍ଦ୍ଦେଶକ ସି.ଏସ. ବେହେରା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପି.ସି.ବେହେରା, ଏନଡିଆରଏଫ କଟକର ସେକେଣ୍ଡ-ଇନ୍-କମାଣ୍ଡ ଡ. ତୀର୍ଥବାଶୀ ସାହୁ, ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କ ସମେତ ଶିଳ୍ପସଂସ୍ଥାର ପ୍ରତିନିଧି, ଦମକଳ ବାହିନୀ, ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଇଫକୋର ଫାୟାର ଏଣ୍ଡ ସେଫଟି ବିଭାଗର ଏହି ଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ ।

# ପାରାଦ୍ୱୀପରେ ଭାରତ ରଙ୍ଗ ମହୋତ୍ସବ ୨ ଫେବୃଆରୀରୁ ଆରମ୍ଭ




ପାରାଦୀପ, ୩୦/୧ (ନି.ପ୍ର): ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ପାରାଦୀପ ବନ୍ଦର, ଓ ବନ୍ଦର ନଗରୀର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କାନମାସର ମିଳିତ ଆନୁକୂଲ୍ୟରେ ଫେବୃଆରୀ ୨ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ପାରାଦ୍ୱୀପର ଜୟଦେବ ସଦନ ଠାରେ ଆୟୋଜିତ ହେବାକୁ ଯାଉଛି । ଏହି ମହୋତ୍ସବ ଭାରତର ୪୩ ଗୋଟି ସହରରେ ଆୟୋଜିତ ହେବ ଏବଂ ସେଥି ମଧ୍ୟରୁ ପାରାଦୀପ ଅନ୍ୟତମ ଯାହାକି ପାରାଦୀପ ବାସିଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଆଜି ଅଫିସର୍ କ୍ଲବ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାନମାସର ବରିଷ୍ଠ ସଦସ୍ୟ ତଥା ବନ୍ଦର ସି ଏମ ଇ ସୁଶିଳ ନାହକ, ସମ୍ପାଦକ ଶ୍ରୀମନ ମିଶ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ରଙ୍ଗ ମହୋତ୍ସବର ପୋଷ୍ଟର ପ୍ରଦର୍ଶିତ ହୋଇଥିଲା । ଆସନ୍ତା ୨ ତାରିଖ ଦିନ ଉଦ୍ଘାଟନୀ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର କେ ଶ୍ରୀନିବାସ ରାଓ, ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ,ପାରାଦୀପ ରିଫାଇନରୀ ମୁଖ୍ୟ କୌସିକ ବସୁ, ସିନେ କଳାକାର ସମରେଶ ରାଉତରାୟ ଓ ସ୍ୱରକାର ଗୌରହରି ଦାସ ଆନୁଷ୍ଠାନିକ ଭାବେ ମହୋତ୍ସବଟିକୁ ଉଦଘାଟନ କରିବେ। ଏହି ମହୋତ୍ସବରେ ଭୁବନେଶ୍ୱର, କଲିକତା, ମୁମ୍ବାଇ ଓ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନ ମାନେ ଓଡ଼ିଆ, ଉର୍ଦ୍ଦୁ, ହିନ୍ଦୀ, ବଙ୍ଗଳା ଓ ଶିଂହଳି ଭାଷାରେ ନାଟକ ପରିବେଷଣ କରିବେ । ପ୍ରଥମ ଥର ପାଇଁ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନର କଳାକାର ଆସନ୍ତା ୫ ତାରିଖ ଦିନ ସେମାନଙ୍କର ସିଂହଳି ଭାଷାର ନାଟକ ମଞ୍ଚସ୍ଥ କରିବେ ଯାହାକି ପାରାଦୀପ ପରି ସହର ପାଇଁ ଗୌରବ ଆଣିଦେବ । ଆଜିର ସାମ୍ବାଦିକ ସମ୍ମିଳନୀରେ କାନମାସର ମିଡ଼ିଆ ସଂଯୋଜକ ନିରୋଜ ପଟ୍ଟନାୟକ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ରଙ୍ଗ ମହୋତ୍ସବର ଅଧିକ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କୁ ପ୍ରଚେଷ୍ଟା କରିବା ପାଇଁ ଅନୁରୋଧ କରିଥିଲେ ।

# ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ବିଧାୟକଙ୍କ ସମୀକ୍ଷା

ବସ୍ତା, ୩୦/୧ (ନି.ପ୍ର): ଆଜି ବସ୍ତା ବ୍ଲକ ସଭା ଗୃହରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ର୍ନିାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ହୋଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ଓ ସମୀକ୍ଷା ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ବସ୍ତା ବ୍ଲକ ଅଧ୍ୟକ୍ଷ। ଅଞ୍ଜଳୀ ଦାସ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା,ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର ଓ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଯୋଗାଣ, ଜଳସେଚନ,ପାନୀୟ ଜଳ ଯୋଗାଣ ଓ ପରିଚ୍ଛନ୍ନ, ବିଦ୍ୟୁତ, ଜଙ୍ଗଲ, ମତ୍ସ୍ୟ ଓ ପଶୁ ପାଳନ,ଶିଶୁ ବିକାଶ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଏବଂ ଆଗାମୀ ଦିନରେ ବିଭିନ୍ନ ବିକାଶ ନିମନ୍ତେ ଖସଡ଼ା ପ୍ରସ୍ତୁତ ହୋଇଥିଲା।

# ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ବନାଗ୍ନି' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

ବୈଶିଙ୍ଗା , ୩୦/୧ (ନି.ପ୍ର): ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ଥିଲା 'ବନାଗ୍ନି' ନିରାକରଣ। ସାମ୍ପ୍ରତିକ ପରିସ୍ଥିତିରେ ଜଙ୍ଗଲ ନିଆଁ ବା ବନାଗ୍ନି ପରିବେଶ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିବା ବେଳେ, ଏହା ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପିଲାମାନେ ନିଜ ତୂଳୀ ଓ ରଙ୍ଗ ମାଧ୍ୟମରେ ବନାଗ୍ନିର ଭୟାବହତା ଏବଂ ଜଙ୍ଗଲ ସୁରକ୍ଷାର ବାର୍ତ୍ତାକୁ ଖୁବ୍ ସୁନ୍ଦର ଭାବରେ ଚିତ୍ରିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଝିଅ ଜନ୍ମ ଦେବାରୁ ମାଆକୁ ମାଡ଼ ମାରି ଘରୁ ତଡିଦେଲା ସ୍ୱାମୀ

## ନ୍ୟାୟ ପାଇଁ ଗୁହାରି ପରେ ବି ନ୍ୟାୟ ଦେଲାନି ପୁଲିସ

## ଅସହାୟ ମା' ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ କଲେ ଗୁହାରି



ବସ୍ତା ୩୦/୧(ନିପ୍ର):ଝିଅ ଜନ୍ମ ଦେବାରୁ ମାଆକୁ ମାଡ଼ ମାରି ଘରୁ ତଡିଦେଲା ନିର୍ଦ୍ଦୟ ସ୍ୱାମୀ।ନ୍ୟାୟ ପାଇଁ ପୁଲିସ ଠାରେ ଗୁହାରୀ ପରେ ବି ନ୍ୟାୟ ଦେଲାନି ସିଂଲା ଥାନା ପୁଲିସ ବାଧ ହୋଇ ଅସହାୟ ମା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପାଖରେ ନ୍ୟାୟ ପାଇଁ ଗୋହାରୀ କରିଛି।ଘଟଣାରୁ ପ୍ରକାଶ ଯେ ବାଲିଆପାଳ ଥାନା ଦେଭୋଗ ପଞ୍ଚାୟତ ଅନ୍ତର୍ଗତ ଗେଙ୍ଗୁଟିଆ ଗ୍ରାମର ସ୍ୱର୍ଗତ ଅଜୟ କୁମାର ପାତ୍ରଙ୍କ ଝିଅ ଭାରତୀ ପାତ୍ରକୁ ବଡବାପା ବିନୟ ପାତ୍ର ଓ ମାଆ ଗୀତାଞ୍ଜଳୀ ଚକସାର୍ଥା ଗ୍ରାମର ଜଗନ୍ନାଥ କରଙ୍କ ପୁତ୍ର ପ୍ରିତିଶ ଜୟନ୍ତ କରଙ୍କୁ ବୈଦିକ ରୀତିରେ ୨୦୨୨ ମସିହାରେ ବିବାହ ଦେଇଥିଲେ। କିଛିଦିନ ପରିବାର ଭିତରେ ସବୁ ଠିକ ଠାକ ଚାଲିଥିଲା। ମାତ୍ର ୨୦୨୩ ମସିହା ମେ ୭ ତାରିଖରେ ଭାରତୀ ଯେଉଁଦିନ ବାଲେଶ୍ୱର ଡାକ୍ତରଖାନାରେ ଝିଅ ଜନ୍ମ ଦେଲା ସେହି ଦିନଠାରୁ ସ୍ୱାମୀ ସହିତ ପରିବାରର ସମସ୍ତ ସଦସ୍ୟ ମାନେ ଜନ୍ମ ଦେଇଥିବା ମା ଠାରୁ ମୁହଁ ଫେରାଇ ନେଲେ ଏବଂ ଡାକ୍ତରଖାନା ରେ ଔଷଧ ସହିତ ଅନ୍ୟାନ୍ୟ ଖର୍ଚ୍ଚ ପୈଠ ନ କରି ମା ଓ ଝିଅକୁ ହସ୍ପିଟାଲରେ ଛାଡି ପଳାଇ ଆସିଲେ।ଏପରି ଘଟଣା ଶୁଣି ବଡ ବାପା ବିନୟ ପାତ୍ର ହସ୍ପିଟାଲରେ ପହଞ୍ଚି ସମସ୍ତ ଖର୍ଚ୍ଚ ବହନ କରି ଝିଆରୀ ଭାରତିକୁ ଘରକୁ ନେଇ ଆସିଥିଲେ।ପରେ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ବୁଝାବଣା କରି ଭାରତିକୁ ଶାଶୁ ଘରକୁ ପଠାଇ ଥିଲେ କ୍ଷଶାଶୁ ଘରେ ଭାରତୀ କିଛି ଦିନ ରହିବା ପରେ ଶଶୁର ଓ ଶାଶୁ ବୋହୂକୁ ନିର୍ଯାତନା ଦେବାରେ ଲାଗି ପଡ଼ିଥିଲେ। ଝିଅ ଜନ୍ମ କଲୁ ତାର ବାହାଘର ଖର୍ଚ୍ଚ କିଏ ବହନ କରିବ ପୁଅ ହୋଇଥିଲେ ଘରକୁ ପଇସା ଆସିଥାନ୍ତା କହି ଶାରୀରିକ ଓ ମାନସିକ ନିର୍ଯାତନା ଦେଉ ଥିଲେ ବୋଲି ଭାରତୀ କହିଛି।ଭାରତୀ ଆହୁରି କହିଛି ଯେ ତାର ଶଶ୍ୱର ଅନ୍ୟ ମହିଳା ସହିତ ଖରାପ ସମ୍ପର୍କ ରଖିବାର ବୋହୂ ଭାରତୀ ଦେଖି ନେଇଥିବାରୁ କାହାରିକୁ କହିବୁ ନାହିଁ ଯଦି କହିବୁ ତେବେ ମାଆ ଛୁଆକୁ ଜୀବନରୁ ମାରିଦେବାକୁ ଧମକଦେଉଥିଲେ।ବାରମ୍ବାର ନିର୍ଯାତନା ସହି ନ ପାରି ଘଟଣା ବିଷୟରେ ସିଂଲା ଥାନାରେ ଭାରତୀ ଲିଖିତ ଅଭିଯୋଗ କଲେ। ପରେ ସହମତି କ୍ରମେ ସାରଥା ଫାଣ୍ଡି ଅଧିକାରୀଙ୍କ ସହାୟତାରେ ଭାରତୀ ତାର ମାକୁ ନେଇ ଯୌତୁକରେ ନେଇଥିବା ଆସବାଦ ପତ୍ର ଆଣିବାକୁ ଯାଇଥିଲେ।ମାତ୍ର ଆସବାଦ ଜିନିଷ ଆଣିବା ଦୂରର କଥାପୁଲିସ ଆଗରେ ଭାରତୀ ଓ ତାର ମାଆ ଗୀତାଞ୍ଜଳୀକୁ ସ୍ୱାମୀ,ଶାଶୁ ଶଶୁର ଗାଳି ଗୋଲଜ ସହିତ ପିଟାମରା କରି କୌଣସି ଜିନିଷ ନ ଦେଇ ତଡିଦେଲେ। ପୁଲିସ ଉପସ୍ଥିତ ହୋଇ ଦର୍ଶକ ସାଜିଥିଲେ।ପରେ ସିଂଲା ପୁଲିସ ଭାରତୀର ସ୍ୱାମୀ ପ୍ରୀତିଶକୁ ଥାନାକୁ ଧରି ଆଣି ରାତ୍ରି ଅଧିଆ ଉକଟାଚ ନେଇ ଛାଡିଦେଲେ ବୋଲି ଭାରତୀ ଅଭିଯୋଗ କରିଛି। ଭାରତୀ ନ୍ୟାୟ ପାଇଁ ସିଂଲାଥାନାକୁ ବାରମ୍ବାର ଦୌଡି ଦୌଡି ନୟାନ୍ତ ହୋଇ ଶେଷରେ ବଡବାପା ବିନୟ ପାତ୍ରଙ୍କ ସହିତ ଯାଇ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରେ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଛନ୍ତି ବୋଲି ଭାରତୀ କହିଛି।ତେବେ ଶଶୁର ଜଣେ ସ୍କୁଲ ଶିକ୍ଷକ ଓ ଶାଶୁ ଜଣେ ଅଙ୍ଗନୱାଡି କର୍ମୀ ହୋଇଥିବା ସତ୍ତ୍ୱେ ଝିଅ ଓ ପୁଅ ଭିତରେ ଅନ୍ତର ପାନ୍ତର, ଯୌତୁକ ଯନ୍ତ୍ରଣା ଦେବା ଘଟଣାକୁ ସର୍ବ ସାଧାରଣରେ ନିନ୍ଦା କରାଯାଇଛି।ଏପରି ସ୍ୱାମୀ ଓ ଶାଶୁ,ଶଶ୍ୱରଙ୍କୁ କେବେ ଦଣ୍ଡ ମିଳିବ ଏବଂ ଭାରତୀକୁ ନ୍ୟାୟ ମିଳିବ ସେହି ଅପେକ୍ଷାରେ।

# ଆଞ୍ଚଳିକ ବ୍ରହ୍ମଣ ସମିତିର ୧୭ତମ ପ୍ରତିଷ୍ଠା ଦିବସ

ଖଇରା, ୩୦/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଦ୍ୟାଧରପୁର ଶାସନସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବ୍ରାହ୍ମଣ ସମିତିର ୧୭ତମ ପ୍ରତିଷ୍ଠା ଦିବସ ତଥା ପଣ୍ଡିତ ଶ୍ୟାମସୁନ୍ଦର ଶତପଥିଙ୍କ ଶ୍ରାଦ୍ଧବାର୍ଷିକି ପୁର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପାଳିତ ହୋଇ ଯାଇଛି । ଜଳଧର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଆକାଶ ପଣ୍ଡା ବେଦ ପାଠ,ଦ୍ୱାରିକାନାଥ ଶତପଥି ସ୍ୱାଗତ ଭାଷଣ,ରମାକାନ୍ତ ଶତପଥି ବିବରଣୀ ପାଠ କରିଥିଲେ । ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଗୌରଚନ୍ଦ୍ର ପାଠୀ, ବୁଦ୍ଧିରାମ ପାଣିଗ୍ରାହୀ, ଦୈତାରୀ ପାଢୀ, ବିଷ୍ଣୁମୋହନ ଶତପଥି, ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ମଧୁସୁଦନ ଆଚାର୍ଯ୍ୟ, ଯଦୁନାଥ ନନ୍ଦ ଓ କରୁଣାକର ପଣ୍ଡା ପ୍ରମୁଖ ସୁସ୍ଥ ସମାଜ ଗଠନ ଦିଗରେ ବ୍ରାହ୍ମଣମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମାଣିତ୍ରୀ ଶାସନରେ ବ୍ରହ୍ମଯଜ୍ଞ ଆୟୋଜନ ଏବଂ ସେହିଦିନ ସାମ୍ବିଧାନିକ ସମ୍ମିଳନୀ ପାଇଁ ତାରିଖ ସ୍ଥିର କରିବା ଉପରେ ଆଲୋଚନା କରାଯାଇଥିଲା ।

# ବିବେକାନନ୍ଦ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଖଇରା, ୩୦/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆଡମ୍ବରରେ ପାଳିତ ହୋଇ ଯାଇଛି । ଶିକ୍ଷାବିତ ଶିବ ପ୍ରସାଦ ବଳଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ କୃଷ୍ଣଚନ୍ଦ୍ର ଖିଲାର ମୁଖ୍ୟଅତିଥି, ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଭଦ୍ରକ ଜିଲ୍ଲା ସଂଯୋଜକ ଡା ସୁଧିର ରଞ୍ଜନ ନାୟକ, ଶିକ୍ଷାବିତ ଜିତେନ୍ଦ୍ର ବେହେରା,ସିଆରସିସି ନରହରି ବେହେରା,ସମ୍ପାଦକ ମଦନ ମୋହନ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଚାର୍ଯ୍ୟ ସନ୍ତୋଷ ସେଠୀ ସ୍ୱାଗତ ଭାହଣ,ହରେନ୍ଦ୍ର ଖିଲାର ବିବରଣୀ ପାଠ କରିଥିଲେ । ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଗୁରୁଜୀ,ଗୁରୁମା ଓ ସେବିକା ସହଯୋଗ କରିଥିଲେ ।

# ବାନ୍ଦିରୀ ବନ୍ଧ ପ୍ରକଳ୍ପ କ୍ଷୁଦ୍ର ଜଳସେଚନ ବିଭାଗକୁ ହସ୍ତାନ୍ତର ନେଇ ବିଭାଗୀୟ ଅନୁମୋଦନ

ନୀଳଗିରି , ୩୦/୧ (ନି.ପ୍ର): ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ପ୍ରଚେଷ୍ଟାରେ ବାନ୍ଦିରୀବନ୍ଧ ପ୍ରକଳ୍ପଟି କ୍ଷୁଦ୍ରଜଳସେଚନ ବିଭାଗକୁ ହସ୍ତାନ୍ତର ହୋଇଅଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତରେ ଏହି ବନ୍ଧଟି ପୂର୍ବରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନରେ ଥିଲା ।ଯାହାକି ବହୁବର୍ଷ ଆଗରୁ ରକ୍ଷଣାବେକ୍ଷଣା ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା। ଏହି ବନ୍ଧ ଓ କେନାଲର ନବୀକରଣ ଓ ପୁନଃନିର୍ମାଣ କାର୍ଯ୍ୟର ନିତ୍ୟାନ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାନ୍ୟବର ସାଂସଦ ବିଭାଗୀୟ ଅଧିକାରୀଙ୍କୁ ପତ୍ରମାଧ୍ୟମରେ ଅବଗତ କରିଥିଲେ। ଏନେଇ ରାଜ୍ୟ ଜଳସମ୍ପଦ ବିଭାଗ ଗତ ଜାନୁଆରୀ ୧୨ତାରିଖ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଚିଠିକରି ସଂପୃକ୍ତ ବନ୍ଧକୁ କ୍ଷୁଦ୍ରଜଳସେଚନ ବିଭାଗକୁ ହସ୍ତାନ୍ତର କରିବାସହିତ ପ୍ରକଳ୍ପର ନବୀକରଣ ଓ ପୁନଃନିର୍ମାଣ କରାଯିବାକୁ ଅନୁମୋଦନ କରିଛନ୍ତି। ଫଳରେ ତିନୋଟି ପଞ୍ଚାୟତର ୧୫ଟି ଗ୍ରାମରେ ଥିବା ପାଖାପାଖି ୨୭୦ ଏକର ଜମିକୁ ଜଳସେଚିତ କରାଯାଇପାରିବ । ଖବର ମିଳିବାପରେ ଉକ୍ତ ଅଞ୍ଚଳର ସମସ୍ତ ଜନସାଧାରଣ ଏବଂ ଚାଷୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି । ଏଥିପାଇଁ ଜନସାଧାରଣ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି ।

# ରୋଗୀ କଲ୍ୟାଣ ସମିତି ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ

ଭଦ୍ରକ , ୩୦/୧ (ନି.ପ୍ର): ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଅଡାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇ ଥିବା ବେଳେ ବିଧାୟକ:-ସଂଜୀବ୍ କୁମାର ମଲ୍ଲିକ ଯୋଗଦେଇ ବିଭାଗୀୟ ଅଧିକାରୀ ସହିତ ସ୍ୱାସ୍ଥ୍ୟ ବିଭାଗ ସମସ୍ୟା ଓ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥିବା ବେଳେ ଆଗକୁ ତାପମାତ୍ରା ବୃଦ୍ଧି ପାଇବାର ଆଶଂକା ଥିବାରୁ ଅଂଶୁଘାତ ମୁକାବିଲା ପାଇଁ ବିଭିନ୍ନ ଅଞ୍ଚଳରେ ସଚେତନତା ଶିବିର ଓଆବଶ୍ୟକତା ଅନୁଯାୟୀ ଔଷଧ ଓ ଓ.ଆ.ଏସ୍ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ଭଣ୍ଡାରିପୋଖରୀ ବିଧାୟକ:- ସଂଜୀବ୍ କୁମାର ମଲ୍ଲିକ ସାଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ:- ପ୍ରଫୁଲ୍ଲ ଯେନାଙ୍କ ସମେତ ଅନ୍ୟାନ୍ୟ ଅତିଥି ବୃନ୍ଦ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida